## ଡିଇଓଙ୍କ ନାମରେ ମାମଲା

ସମ୍ବଲପୁର, ୨୨।୮(ବ୍ୟୁରୋ): ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ(ଡିଇଓ) ମୀନାରାଣୀ ମଣ୍ଡଳଙ୍କ ସମେତ ୪୫ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମରେ ରବିବାର ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲା(ନଂ.୩୩୮/୨୧) ରୁଜୁ ହୋଇଛି। କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଚାକିରି ନିୟମିତ କରିବାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସୂଚନା ଅଧିକାର କର୍ମୀ ନିରଞ୍ଜନ ପଣ୍ଡା ଆର୍‌ଟିଆଇ ତଥ୍ୟ ପ୍ରମାଣ ସହ ଏ ନେଇ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ।

# ଅପହରଣ ନାଟକ ରଚିଥିଲେ ଡ୍ରାଇଭର

ବ୍ରହ୍ମପୁର ଅଫିସ,୨୨।୮




ଗିରଫ ଅଭିଯୁକ୍ତ। ଜବତ ଟଙ୍କା।

- ଟଙ୍କା ଭ୍ୟାନ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ୍, ୩ କୋର୍ଟ ଚାଲାଣ
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କରିବ ପୋଲିସ

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଆସକାରୋଡରୁ ଏଟିଏମ ଟଙ୍କା ଭର୍ତ୍ତି ଭ୍ୟାନ୍ ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଭ୍ୟାନ୍‌ର ଡ୍ରାଇଭର ଆଶିଷ କୁମାର ଦିଗାଲଙ୍କୁ କେହି ଅପହରଣ କରି ନ ଥିଲେ। ବରଂ ସେ ନିଜେ ଅପହରଣ ନାଟକ ରଚିଥିଲେ ବୋଲି ରବିବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ଆହୁରି କହିଛନ୍ତି, ଡ୍ରାଇଭର ତାଙ୍କର ୨ ସହଯୋଗୀଙ୍କ ସହ ଟଙ୍କା ଲୁଟ୍ କରି ଘଟଣାକୁ ଭିନ୍ନ ରୂପ ଦେବାକୁ ଚେଷ୍ଟା କରିଥିଲେ। ସେ ନିଜେ ନିଶା ଔଷଧ ସ୍ପ୍ରେ କରି ଅଚେତ ହେବା ଅଭିନୟ କରିଥିଲେ। ତାଙ୍କ ବୟାନ ଅଧାରରେ କନ୍ଧମାଳ ଜିଲା କଟ୍ରିଙ୍ଗିଆରେ ମାଟିତଳେ ପୋତାଯାଇଥିବା ୨୦ଲକ୍ଷ ୯୦ ହଜାର ଟଙ୍କା ଶନିବାର ଜବତ କରାଯାଇଥିଲା। ଏଥିସହ ଲୁଟରେ ବ୍ୟବହୃତ ବାଇକ୍ (ନଂ.ଓଡ଼ି ୧୨ ବି ୩୨୦୨) ଓ ୪ଟି ମୋବାଇଲ ଫୋନ୍ ଓ ଅଚେତ ହେବା ପାଇଁ ବ୍ୟବହୃତ ରାସାୟନିକ ଦ୍ରବ୍ୟ ଜବତ ହୋଇଛି। ଆଶିଷ ଓ ତାଙ୍କ ଦୁଇ ସହଯୋଗୀ କଟ୍ରିଙ୍ଗିଆର ମାନ୍ୟବର ନାୟକ ଓ କାର୍ତ୍ତିକ ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସପି କହିଛନ୍ତି।

ବ୍ୟାଙ୍କରୁ ଟଙ୍କା ନେଇ ଏଟିଏମ୍ କାଉଣ୍ଟରରେ ଭର୍ତ୍ତି କରୁଥିବା ଏଜିଏସ୍ ସିକ୍ୟୋର ସଂସ୍ଥାର ୪ କର୍ମଚାରୀ ୧୮ତାରିଖ ପୂର୍ବାହ୍ଣରେ ୨୬ ଲକ୍ଷ ଟଙ୍କା ନେଇ ଭ୍ୟାନ୍‌ରେ ଯାଉଥିଲେ। ସେମାନେ ରଜାସାହିସ୍ଥିତ ଏଟିଏମ୍ କାଉଣ୍ଟରରେ ୨ଲକ୍ଷ ଟଙ୍କା ଭର୍ତ୍ତି କରିବା ପରେ ଆସିକା ରୋଡ୍ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍ କାଉଣ୍ଟରକୁ ଯାଇଥିଲେ। ଗନ୍‌ମ୍ୟାନ୍ ଓ ୨ କର୍ମଚାରୀ ଭ୍ୟାନ୍‌ରୁ ଓହ୍ଲାଇ ଏଟିଏମ୍ ଭିତରକୁ ଯାଇ କିଛି ସମୟ ପରେ ଫେରିବାରେ ଡ୍ରାଇଭର ସହ ଭ୍ୟାନ୍‌ଟି ଉଭାନ ହୋଇଯାଇଥିବା ଦେଖିଥିଲେ।

ପରେ ଜିପିଏସ୍ ଲୋକେଶନ୍ ଟ୍ରାକ୍ କରାଯାଇ ଭ୍ୟାନ୍‌କୁ ଗିରିସୋଲା ସୋରଳ ରୋଡ୍ ନିକଟରୁ ଠାବ କରାଯାଇଥିଲା। ଭ୍ୟାନ୍‌ରେ ଡ୍ରାଇଭର ଅଚେତ ଅବସ୍ଥାରେ ଥିବା ବେଳେ ଟଙ୍କା ଗାଏବ ହୋଇଯାଇଥିଲା। ଏ ନେଇ ବଡ଼ବଜାର ଥାନାରେ ଅଭିଯୋଗ କରାଯାଇଥିଲା। ନଂ. ୧୭୨/୨୧ରେ ମାମଲା ରୁଜୁ ହୋଇଥିଲା। ଡ୍ରାଇଭର ଆଶିଷଙ୍କ ଉପରେ ସନ୍ଦେହ କରି ଜେରା କରିବାରୁ ସେ ହିଁ ଲୁଟ ଘଟଣାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ସ୍ୱୀକାର କରିଥିଲେ। ଘଟଣାଦିନ ଦିଗାଲ ଟଙ୍କା ଭର୍ତ୍ତି ଭ୍ୟାନ ଧରି ଫେରାର୍ ହେବା ବେଳେ ରାସ୍ତାରେ ଟାଉନ ଥାନା ନିକଟରୁ ତାଙ୍କ ସହଯୋଗୀ ମାନ୍ୟବରଙ୍କୁ ସାଙ୍ଗରେ ନେଇଥିଲେ। ଚଳନ୍ତା ଭ୍ୟାନ୍‌ରେ ଯୋଜନା ମୁତାବକ ଏକ ନକଲି ଚାବି ସହାୟତାରେ କ୍ୟାସବକ୍ସ ଖୋଲି ସମସ୍ତ ୨୪ ଲକ୍ଷ ଟଙ୍କା ଏକ ଏୟାର ବ୍ୟାଗରେ ଭର୍ତ୍ତି କରିଥିଲେ। ଅନ୍ଧପସରା ଆମ୍ବ ମାର୍କେଟ ଛକରେ ମାନ୍ୟବର ଟଙ୍କା ବ୍ୟାଗ୍ ଧରି ଭ୍ୟାନରୁ ଓହ୍ଲାଇ ପଡିଥିଲେ। ସେଠାରେ ବାଇକ୍ ଧରି ଅପେକ୍ଷା କରିଥିବା ଅନ୍ୟତମ ସହଯୋଗୀ କାର୍ତ୍ତିକଙ୍କ ସହ ପୁରୁଣା ବ୍ରହ୍ମପୁର, ଆସ୍କାରୋଡ ହୋଇ କଟ୍ରିଙ୍ଗିଆ ପଳାଇଥିଲେ। ସେପଟେ ଡ୍ରାଇଭର ଆଶିଷ ପୋଲିସକୁ ବାଟବଣା କରିବା ପାଇଁ ଗିରିସୋଲାରେ ପହଞ୍ଚି ଡିଭାଇନ ସ୍ଲିପ ଲିକ୍ୟୁଇଡ୍ ମୁହଁରେ ସ୍ପ୍ରେ କରି ଚେତାଶୂନ୍ୟ ହୋଇଯିବା ଅଭିନୟ କରିଥିଲେ। ହେଲେ ପୋଲିସ ଆଗରେ ଏହି ଅଭିନୟ ଧରାପଡ଼ି ଯାଇଥିଲା। ପରେ ପୋଲିସ କଟ୍ରିଙ୍ଗିଆ ଯାଇ ମାଟିତଳେ ପୋତାଯାଇଥିବା ଟଙ୍କା ଜବତ କରିବା ସହ ଦୁଇ ଅଭିଯୁକ୍ତ ମାନ୍ୟବର ଓ କାର୍ତ୍ତିକଙ୍କୁ ଗିରଫ କରିଥିଲା।

# ଗୁଜବକୁ ଖାତିର କରେନି

ପାଠରେ ଶାଠରେ ପ୍ରେମରେ, ଝିଅ ମୁଁ ଏକ ନମ୍ବର...। ବାସ୍ତବରେ ପାଠରେ ଯେମିତି, ନୃତ୍ୟ ଏବଂ ଅଭିନୟରେ ମଧ ସେପରି ଦକ୍ଷତା ରଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ଅଭିନେତ୍ରୀ ଲିପି। ପୂରା ନାଁ ସୁଶ୍ରୀ ସଙ୍ଗୀତା ମହାପାତ୍ର, ମାତ୍ର ଦର୍ଶକଙ୍କ ପାଖରେ ସେ ଲିପି ନାମରେ ପରିଚିତ। ପ୍ରାୟ ୮ଶହରୁ ଊର୍ଦ୍ଧ୍ୱ ଆଲବମ୍‌ରେ ନିଜ ନୃତ୍ୟ ଓ ଅଭିନୟର ଯାଦୁ ଦେଖାଇବା ପରେ ସେ କିଛି ଚଳଚ୍ଚିତ୍ରରେ ନଜରକୁ ଆସିଥିଲେ। ଏକଦା ଆଲବମ୍ କୁଇନ୍‌ର ଆଖ୍ୟା ପାଇଥିବା ଲିପି ଏବେ ମେଗା ଧାରାବାହିକରେ ସକ୍ରିୟ ଅଛନ୍ତି। ଖୁବ୍‌ଶୀଘ୍ର ତାଙ୍କର ନୂଆ ଧାରାବାହିକ ମଧ ଲୋକେ ଦେଖିବାକୁ ପାଇବେ। ବ୍ରହ୍ମପୁରରେ ଜନ୍ମଗ୍ରହଣ କରିଥିବା ଲିପି ଏବେ କଟକରେ ରହି ନିଜ କ୍ୟାରିଅରକୁ ଆଗକୁ ନେଉଛନ୍ତି। ଲିପିଙ୍କ ଜୀବନର କିଛି ଜଣା ଅଜଣା କଥାକୁ ନେଇ ତାଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।

**ପ୍ରଶ୍ନ– ଅଭିନୟକୁ କ୍ୟାରିଅର ଭାବେ କାହିଁକି ବାଛିଥିଲେ?**

ଉତ୍ତର– ଗ୍ଲାମର କ୍ଷେତ୍ରକୁ ଆସିବା ପାଇଁ ମୋର କୌଣସି ଇଚ୍ଛା ନ ଥିଲା। ବାପା ଜଣେ ପୋଲିସ ଅଫିସର ଥିଲେ। ତେଣୁ ମୁଁ ବଡ଼ ହୋଇ ଜଣେ ଆଇପିଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିଲି। ମୋ ବାପାଙ୍କର ବି ଏହି ଇଚ୍ଛା ଥିଲା। ମା’ ଜଣେ ଅଭିନେତ୍ରୀ। ତେଣୁ ମୁଁ ଜଣେ ଭଲ ଅଭିନେତ୍ରୀ ହୁଏ ସେଇଟା ମା’ ଚାହୁଁଥିଲେ। ମତେ ରାଜି କରାଇବା ପାଇଁ ୨ବର୍ଷ ଲାଗିଯାଇଥିଲା। ମା’ଙ୍କ ଇଚ୍ଛାକୁ ସମ୍ମାନ ଦେବାକୁଯାଇ ମୁଁ ଏଥିରେ ପାଦ ଦେଇଥିଲି।

**ପ୍ରଶ୍ନ– ପ୍ରଥମ ସୁଯୋଗ କିପରି ମିଳିଥିଲା?**

ଉତ୍ତର– ସତ କହିବାକୁ ଗଲେ ମତେ ବେଶି କିଛି ସଂଘର୍ଷ କରିବାକୁ ପଡ଼ି ନ ଥିଲା। ବାଇଚାନ୍ସ ମତେ ଚାନ୍ସ ମିଳିଥିଲା। ମା’ ଯେହେତୁ ଜଣେ ଅଭିନେତ୍ରୀ ସେଥିପାଇଁ ଏ କ୍ଷେତ୍ର ସହିତ ଜଡ଼ିତ ଥିବା ବହୁ ଲୋକ ଆମ ପରିବାର ସହ ସମ୍ପୃକ୍ତ ଥିଲେ। ସେମାନେ ବହୁତ ସହଯୋଗ କରିଥିଲେ। ପ୍ରଥମେ ମୁଁ ଏକ ଶୋ’ରେ ଉପସ୍ଥାପିକା ଭାବେ କାମ ଆରମ୍ଭ କରିଥିଲି। ମାତ୍ର ୪ ମାସ କାମ କରିବା ପରେ ଶୋ’ ଛାଡି ଦେଇଥିଲି। କିଛି ଦିନର ବ୍ୟବଧାନ ପରେ ଅଭିନୟ ଜଗତକୁ ଆଲବମ୍ ମାଧ୍ୟମରେ ଆସିଲି। ‘ମୁଁ ବିନା ଘୁଙ୍ଗୁରରେ ନାଚୁଛି’ ଅନୁଭବଙ୍କ ସହ ମୋର ପ୍ରଥମ ରିଲିଜ୍ ହୋଇଥିବା ଆଲବମ୍ ଥିଲା, ଯାହାକି ହିଟ୍ ହୋଇଥିଲା। ଏହାପରେ ସୁଯୋଗ ଆପେ ଆପେ ମିଳିଲା ଓ ଆଲବମ୍ କୁଇନ୍‌ର ଟ୍ୟାଗ୍ ମିଳିଗଲା।

**ପ୍ରଶ୍ନ– ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟ ପୁରସ୍କାର ପାଇଛନ୍ତି, ଚଳଚ୍ଚିତ୍ରରେ କାହିଁକି ନଜରକୁ ଆସୁନାହାନ୍ତି?**

ଉତ୍ତର– ମୀମାଂସା ଚଳଚ୍ଚିତ୍ର ପାଇଁ ଏହି ପୁରସ୍କାର ମିଳିଥିଲା। ଚଳଚ୍ଚିତ୍ର ମିଳିବାରେ ମତେ କେବେ କିଛି ଅସୁବିଧା ହୋଇନାହିଁ। ମାତ୍ର ମୁଁ ଲିମିଟେଡ୍ ହୋଇ ରହିବାକୁ ଚାହିଁଛି। ଅନେକ ଥର ମତେ ସୁଯୋଗ ମିଳିଛି। ଏପରିକି ମୁଁ କାମ କରିବା ପାଇଁ ହଁ ମାରିଛି ମାତ୍ର ପରେ ସେ କାମ ଆଉ କେଉଁ ଅଭିନେତ୍ରୀ କରି ଦେଇଛନ୍ତି। ତେଣୁ ଏସବୁ ମତେ ବିରକ୍ତିକର ଲାଗିଥିଲା। ଆଉ ଗୋଟେ କଥା ହେଉଛି ମୁଁ ଉଚ୍ଚାକାଂକ୍ଷୀ ନୁହେଁ। ସେଥିପାଇଁ ଚଳଚ୍ଚିତ୍ରକୁ ନେଇ ବେଶି ଚିନ୍ତା କରିନି। ଯେତେବେଳେ ଯେଉଁ ସ୍ଥିତିରେ ମୋ ପାଖକୁ ଯାହା କାମ ଆସିଛି, ଯଦି ଭଲ ଲାଗିଛି ତେବେ କରିବା ପାଇଁ ରାଜି ହୋଇଛି। ବହୁ ସମୟରେ ଗୁଜବ ଆସେ ଯେ ମୁଁ ଅଧିକାଂଶ କାମ କରିବାକୁ ମନା କରେ, ତାହା ଭୁଲ୍ କଥା।

**ପ୍ରଶ୍ନ– ଗୁଜବକୁ କେମିତି ହ୍ୟାଣ୍ଡେଲ କରନ୍ତି?**

ଉତ୍ତର– ଗ୍ଲାମର ଇଣ୍ଡଷ୍ଟ୍ରିରେ ରହିଲେ ଗୁଜବ ଉଠିବା ସାଧାରଣ କଥା। ଅନ୍ୟପକ୍ଷରେ ଦେଖିଲେ ଗୁଜବ ହେଲେ ହିଁ ଆପଣ ଭଲ କାମ କରୁଛନ୍ତି ବୋଲି ଜାଣିବେ। ଯଦି ଆପଣଙ୍କ ବିଷୟରେ କେହି ଆଲୋଚନା କରୁନାହାନ୍ତି ତେବେ ଆପଣ କୌଣସି କାମକୁ ନୁହନ୍ତି। ମୁଁ ଏସବୁକୁ ଜମା ଖାତିର୍ କରେନି। ଏ କାନରେ ପୂରେଇ ସେ କାନରେ କାଢ଼େ। ଆରମ୍ଭରୁ ମୁଁ ବହୁତ ଚୁପ୍‌ଚାପ୍, ଶାନ୍ତଶିଷ୍ଟ ଥିଲି। ଏଥିପାଇଁ ଅନ୍ୟମାନେ ମତେ ଡୋମିନେଟ୍ କରିବା ଆରମ୍ଭ କରିଥିଲେ। ତେଣୁ ନିଜକୁ ବଦଳାଇବାକୁ ଉଦ୍ୟମ କରିଥିଲି। ଏବେ ମୋ ସହ କେହି ବଦମାସି କରିବାକୁ ସାହସ କରନ୍ତିନି। ମୁଁ ବହୁତ ଆରୋଗାଣ୍ଟ ବୋଲି ସାରା ଇଣ୍ଡଷ୍ଟ୍ରି ଜାଣିଛି।



ଲିପି

ଧରିତ୍ରୀ ଆଳାପ

**ପ୍ରଶ୍ନ– ଏହି ନେଚର ପାଇଁ ଆପଣଙ୍କ କ୍ୟାରିଅର ପ୍ରଭାବିତ ହୋଇନି?**

ଉତ୍ତର– ନା, କେବେବି ପ୍ରଭାବ ପକାଏନି। ମୁଁ ନଡ଼ିଆ ପରି। ବାହାରୁ ଶକ୍ତ, ଭିତରୁ ନରମ। ମୋ ସହ ଯେଉଁମାନେ ମିଶିଛନ୍ତି ସେମାନେ ମତେ ଜାଣିଛନ୍ତି। ମୋ ମତରେ ପ୍ରତ୍ୟେକ ନାରୀ ନିଜର ଆଖପାଖରେ ଏକ ସର୍କଲ ତିଆରି କରିବା ଆବଶ୍ୟକ। ନିଜର ଏକ ନିୟମ କରିବା ଦରକାର। ନାରୀମାନଙ୍କୁ ବାହାରକୁ ବାହାରିବା ସମୟରେ ନିଜର ପ୍ରକୃତ ରୂପକୁ କିଛି ମାତ୍ରାରେ ଲୁଚାଇକି ଚାଲିବାକୁ ପଡ଼େ। ଏହାଦ୍ୱାରା ବାହାର ଲୋକଙ୍କର ସାହସ ହେବ ନାହିଁ ଆପଣଙ୍କ ସହ କିଛି ଦୁର୍ବ୍ୟବହାର କରିବା ପାଇଁ। ସେହି ଦୃଷ୍ଟିକୋଣରୁ ମୁଁ ଜଗିରଖି ଚାଲେ।

**ପ୍ରଶ୍ନ– ଜୀବନସାଥୀଙ୍କ ବିଷୟରେ କିଛି?**

ଉତ୍ତର– ଜୀବନସାଥୀକୁ ନେଇ ଏତେ ବ୍ୟସ୍ତ ନୁହେଁ। ଏବେ ଯଦି ବାହା ହେବି ତେବେ ମତେ କାମ ଛାଡ଼ିବାକୁ ପଡ଼ିବ। କାରଣ ବାହାଘର ପରେ ନିଜ ଇଚ୍ଛାରେ ସବୁକିଛି କରି ହେବନି। ବିବାହ କଥା ଘରେ ବୁଝନ୍ତୁ। ବୁଝିପାରିଲେ ଭଲ କଥା ନ ହେଲେ ଏକୁଟିଆ ଅଛି, ବହୁତ ଖୁସିରେ ଅଛି।

**ପ୍ରଶ୍ନ– କିଛି ଆଗାମୀ ଯୋଜନା?**

ଉତ୍ତର– ସେମିତି କିଛି ଯୋଜନା ନାହିଁ। ଜୀବନକୁ ନେଇ କିଛି ପ୍ଲାନ କରିବା ମତେ ଆସେନି। ବର୍ତ୍ତମାନ ସମୟରେ ଯାହା ମିଳିଛି ଭଲ ମିଳିଛି, ଯାହା ମିଳିବ ଭଲ ମିଳିବ ବୋଲି ମୋର ଆଶା। କୌଣସି କଥାକୁ ନେଇ ମୁଁ ଆଶା କରେ ନାହିଁ, କାରଣ ନ ମିଳିଲେ ମନ ଭାଙ୍ଗିଯିବ। ତେବେ ମୋ ଅଭିନୟକୁ କିପରି ଆହୁରି ନିଖୁଣ କରିବି ସେଥିପ୍ରତି ସଚେତନ ଅଛି।

**ପ୍ରଶ୍ନ– ଫ୍ରି ଟାଇମ୍‌ରେ କ’ଣ କରନ୍ତି?**

ଉତ୍ତର– ମୁଁ ଜଣେ ଅଲଗା ମଣିଷ। ମତେ ଗହଳି, ବୁଲିବାକୁ ଭଲଲାଗେନି। ମୁଁ ଭାରି ବୋରିଂ। ମୋ ରୁମ୍ ଭଲ ତ ମୁଁ ଭଲ। ରୋଷେଇ କରିବାକୁ ଭଲ ଲଗେ। ସମୟ ମିଳିଲେ ମୋ କୁକୁର, ବିଲେଇଙ୍କ ସହ ସମୟ ବିତାଏ। ତେବେ ବାହାରକୁ ଯିବାକୁ ପସନ୍ଦ ନ ଥିବାରୁ ମୁଁ ପ୍ରାୟ ଅନ୍‌ଲାଇନ୍ ଶପିଂ କରେ। ପ୍ରତିଦିନ ମୋ ଘରକୁ କିଛି ନା କିଛି ପାର୍ସଲ ଆସେ। ମତେ ଘରେ ପାର୍ସଲ ରାଣୀ ବୋଲି ମଧ ଡାକନ୍ତି।

**ପ୍ରଶ୍ନ– କ’ଣ ଭଲ ରାନ୍ଧି ପାରନ୍ତି?**

ଉତ୍ତର– ସବୁକିଛି ରୋଷେଇ କରିପାରେ। ସବୁ ପ୍ରକାରର ଡିସ୍ ମତେ ଆସେ। ଏମିତିକି ରୋଷେଇକୁ ନେଇ ବହୁ ସମୟରେ ଏକ୍ସପେରିମେଣ୍ଟ କରେ।

**ପ୍ରଶ୍ନ– ଆପଣଙ୍କ ଫିଟ୍‌ନେସ୍‌ର ମନ୍ତ୍ର କ’ଣ?**

ଉତ୍ତର– ମୋ ହାପିନେସ୍ ହେଉଛି ମୋର ଫିଟ୍‌ନେସ୍‌ର ମନ୍ତ୍ର। ଖୁସିରେ ରହିବାକୁ ମତେ ବହୁତ ଭଲଲାଗେ। ବେଶି ତେଲ ମସଲା ଖାଇବାକୁ ମତେ ଭଲ ଲାଗେନି। ଯଦି ମୁଡ୍ ହେଲା ତେବେ ବ୍ୟାୟାମ କରେ।

# ରାଖୀ ବାନ୍ଧିବା ପୂର୍ବରୁ ଜୀବନ ଗଲା

**ରାଇରଙ୍ଗପୁର,୨୨।୮(ଡି.ଏନ.ଏ.):** ଗାଧୋଇ ସାରି ଘରକୁ ଫେରିଥିଲେ ବଡ଼ ଭାଇ ହାତରେ ରାଖୀ ବାନ୍ଧି ଥାଆନ୍ତେ। ହେଲେ ନିୟତିର ନିଷ୍ଠୁର ନିୟମ ତାଙ୍କୁ ସମସ୍ତଙ୍କଠାରୁ ଛଡ଼ାଇ ନେଲା। ରାଖୀ ବାନ୍ଧିବା ଆଗରୁ ନଈରେ ବୁଡ଼ି ପ୍ରାଣ ଚାଲିଗଲା। ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ କୁଡୁନ୍ଦା ଗ୍ରାମରେ ରବିବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଶିଶୁ କନ୍ୟା ଜଣକ ହେଲେ ପ୍ରାଣବନ୍ଧୁ ଟୁଡୁଙ୍କ ସାଢ଼େ ତିନିବର୍ଷର ଝିଅ ସାଉଁରୀ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସକାଳେ ମା’ ଓ ବଡ଼ ଭାଇ ଚିତ୍ତରଞ୍ଜନଙ୍କ ସହ ସାଉଁରୀ ଘର ପାଖ ଖଡ଼ଖାଇ ନଦୀକୁ ଗାଧୋଇବା ସକାଶେ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ମା’ ଓ ବଡ଼ ଭାଇ ଚେଷ୍ଟା କରି ମଧ ତାଙ୍କୁ ଉଦ୍ଧାର କରି ପାରି ନ ଥିଲେ। ଖବରପାଇ ଗ୍ରାମବାସୀ ପହଞ୍ଚି ନଦୀଜଳରୁ ସାଉଁରୀକୁ ଉଦ୍ଧାର କରି ରାଇରଙ୍ଗପୁର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଡାହାଣୀ ସନ୍ଦେହରେ ଆଦିବାସୀ ମହିଳାଙ୍କୁ ନଜରବନ୍ଦୀ

**ସଜନାଗଡ଼, ୨୨।୮(ଡି.ଏନ.ଏ.):** ଡାହାଣୀ ସନ୍ଦେହରେ ୭ଦିନ ଧରି ଜଣେ ମହିଳାଙ୍କୁ କୁଲଡ଼ିହା ଅଭୟାରଣ୍ୟରେ ନଜରବନ୍ଦୀ କରି ରଖାଯିବା ଘଟଣା ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ନୀଳଗିରି ଏସ୍‌ଡ଼ିପିଓଙ୍କ ହସ୍ତକ୍ଷେପ ପରେ ବରହମ୍‌ପୁର ପୋଲିସ ତାଙ୍କୁ ଉଦ୍ଧାର କରିଛି। କୁଲଡ଼ିହା ଅଭୟାରଣ୍ୟ ନିକଟସ୍ଥ ଚେମଚଟା ଗାଁ ଭିତରେ ଲୋଧା ଶ୍ରେଣୀର ଲୋକେ ରୁହନ୍ତି। ସେହି ଗ୍ରାମର କାନ୍ଦ୍ରା ଭକ୍ତାଙ୍କର ଦେଢ଼ ବର୍ଷର ଶିଶୁକନ୍ୟା ଜ୍ୱରରେ ପୀଡ଼ିତ ହେବାରୁ ତାଙ୍କୁ ଡାହାଣୀ ଲାଗିଥିବା ସନ୍ଦେହରେ ପଦ୍ମପୁର ଗାଁର ଜଣେ ଗୁଣିଆ ଆସି ଝଡ଼ାଫୁଙ୍କା କରିଥିଲେ। ହେଲେ ଶିଶୁ କନ୍ୟାଟିର ମୃତ୍ୟୁ ହୋଇଯାଇଥିଲା। ଗୁଣିଆଜଣକ ସେହି ଗାଁର ତୁଳସୀ ନାଏକ ଗୁଣି କରିଥିବା କହିବା ପରେ ମୃତକଙ୍କ ପରିବାର ଲୋକେ ତାଙ୍କୁ ନଜରବନ୍ଦୀ ରଖିଥିଲେ। ଏ ସମ୍ପର୍କରେ ନୀଳଗିରି ଏସଡ଼ିପିଓ ରିତେଶ କୁମାର ମହାପାତ୍ର ଖବରପାଇ ବରହମପୁର ପୋଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବରହମପୁର ପୋଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ପରେ ଉକ୍ତ ଅଞ୍ଚଳ ମୟୂରଭଞ୍ଜ ଜିଲା କପ୍ତିପଦା ପୋଲିସ ଅଧୀନରେ ହୋଇଥିବାରୁ ବରହମପୁର ପୋଲିସ ବୃଦ୍ଧାଙ୍କୁ କପ୍ତିପଦା ପୋଲିସକୁ ହସ୍ତାନ୍ତର କରିଥିଲେ। ସମ୍ପୃକ୍ତ ମହିଳାଙ୍କୁ ଉଦଳା ସୁଧାର ଗୃହରେ ରଖାଯାଇଛି।

### ଧରାପଡ଼ିଲେ ୬ ଡକାୟତ

**ବଡ଼ବିଲ,୨୨।୮(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ପୋଲିସ ଡକାୟତି ଯୋଜନା କରୁଥିବା ୬ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ଏକ ସ୍କର୍ପିଓ, ଏକ ବଲେରୋ, ଏକ ବାଇକ, ଗୋଟିଏ ଆମେରିକୀୟ ପିସ୍ତଲ, ଜୀବନ୍ତ ଗୁଳି, ଦୁଇଟି ଖଣ୍ଡା, ଦୁଇଟି କଟୁରି, ୮ଟି ମୋବାଇଲ ଏବଂ ନଗଦ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୯/୨୧) ରୁଜୁ ହୋଇଛି। ଗିରଫ ଡକାୟତମାନେ ହେଲେ ସୁନୀଲ ପାତ୍ର ଓରଫ ଟିଟୁ, ପରବିନ ଚୌରାସିୟା, ସମ୍ପଦ କୁମାର କାଳନ୍ଦୀ ଓରଫ ବାବନ, ପ୍ରଶାନ୍ତ ରାଜ ଓରଫ ଭୁଣ୍ଟୁ, ଏମଡି ରାଜା ଏବଂ ବିନ୍ଦା ଖାଲକୋ। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ୫୨୦ନଂ. ଜାତୀୟ ରାଜପଥ ରଣଶାଳ ଘାଟି ନିକଟରେ ବନ୍ଦପଡ଼ିଥିବା ଓଏମସି ଖଣିସ୍ଥିତ ଆମ୍ବ ବାଗାନଠାରେ ଡକାୟତି ଯୋଜନା ଚାଲିଥିବା ପୋଲିସ ଖବର ପାଇଥିଲା। ଅତର୍କିତ ଚଢ଼ାଉ କରି ପୋଲିସ ୬ଜଣଙ୍କୁ କାବୁ କରିଥିଲା। ସେମାନେ ଜାତୀୟ ରାଜପଥରେ ଟ୍ରକ୍ ଅଟକାଇ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସ ସୂଚନା ଦେଇଛି। ଏହି ଡକାୟତି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ସୁନୀଲ ପାତ୍ର ନାମରେ ବଡ଼ବିଲ ଥାନାରେ ୩୪ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲା ରହିଛି। ସେହିପରି ତାଙ୍କ ସହଯୋଗୀମାନଙ୍କ ନାମରେ ମଧ ଏକାଧିକ ମାମଲା ଥିବା ଜଣାପଡ଼ିଛି।

# ଜେଲରେ ରହି ସ୍ୱାବଲମ୍ବୀ ଚିତ୍ତରଞ୍ଜନ

## ମାଟିହାଣ୍ଡିରେ ଚିତ୍ର ଆଙ୍କି କରୁଛନ୍ତି ରୋଜଗାର

ଛତ୍ରପୁର,୨୨।୮(ଡି.ଏନ୍.ଏ.)



ଗଞ୍ଜାମ ଜିଲା ଛତ୍ରପୁର ଉପକାରାଗାରରେ ଜଣେ ବିଚାରାଧୀନ ବନ୍ଦୀ ମାଟି ହାଣ୍ଡିରେ ଚିତ୍ର ଆଙ୍କି ସ୍ୱାବଲମ୍ବୀ ହୋଇଛନ୍ତି। ପ୍ରଶାସନ ତାଙ୍କୁ ସହଯୋଗର ହାତ ବଢ଼ାଇଛି। ୨୦୧୭ ଜାନୁୟାରୀରେ ଗଞ୍ଜାମ ଥାନା ଅଧୀନ ମଲାଡ଼ ଗ୍ରାମର ଆର.ଚିତ୍ତରଞ୍ଜନ ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଛତ୍ରପୁର ଜେଲରେ ଅଛନ୍ତି। କିଛିଦିନ ତଳେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜେଲକୁ ପରିଦର୍ଶନରେ ଆସିଥିବା ବେଳେ କାନ୍ଥରେ ଭଲ ଚିତ୍ର ଅଙ୍କାଯାଇଥିବା ଓ ତାହାକୁ ଜେଲ ଅନ୍ତେବାସୀ ଚିତ୍ତରଞ୍ଜନ କରିଥିବା ଜାଣିବାକୁ ପାଇଥିଲେ। ଜିଲାରେ ଓର୍‌ମାସ, ମିଶନ ଶକ୍ତି ଓ ଓଏଲ୍‌ଏମ୍ ପକ୍ଷରୁ ଗଞ୍ଜାମ ହାଟ ଖୋଲାଯାଇଛି। ସେଠାରେ ଗୁଡ଼ହାଣ୍ଡି ବିକ୍ରି ହେଉଥିବା ବେଳେ ଉକ୍ତ ହାଣ୍ଡିରେ ଚିତ୍ର ଆଙ୍କିବାକୁ ଚିତ୍ତରଞ୍ଜନଙ୍କୁ କୁହାଯାଇଥିଲା। ଏଥିପାଇଁ ତାଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଜେଲ ଅଧୀକ୍ଷକ ଶୁଭସ୍ମିତା ବିଶ୍ୱାଳ ବିଭିନ୍ନ ପ୍ରକାର ରଙ୍ଗ, ତୂଳୀ ଆଦି ଯୋଗାଇ ଦେଇଥିଲେ। ପରେ ଓର୍‌ମାସ ପକ୍ଷରୁ ଗଞ୍ଜାମ ବ୍ଲକ ନୀଳାଦ୍ରିପୁର ଗ୍ରାମର ଏକ ମହିଳା ସଂଘଠାରୁ ଜେଲକୁ ମାଟିହାଣ୍ଡି ଅଣାଯାଇ ସେଥିରେ ଚିତ୍ର ଆଙ୍କିବାକୁ ଚିତ୍ତରଞ୍ଜନଙ୍କୁ ଦିଆଯାଇଥିଲା। ହାଣ୍ଡି ପିଛା ତାଙ୍କୁ ୧୫ ଟଙ୍କା ମିଳୁଥିବା ବେଳେ ଦୈନିକ ୬ରୁ ୭ଟି ହାଣ୍ଡିରେ ସେ ଚିତ୍ର ଆଙ୍କୁଛନ୍ତି। ଚିତ୍ତରଞ୍ଜନ ଏଯାବତ ଡିଆରଡିଏ ପକ୍ଷରୁ ଦିଆଯାଇଥିବା ୫ଶହ ହାଣ୍ଡିରେ ଚିତ୍ର ଆଙ୍କିଥିବା ଜେଲ ଅଧୀକ୍ଷକ କହିଛନ୍ତି। ଏଥିସହ ତାଙ୍କ ଚାଲିଚଳନରେ ମଧ ପରିବର୍ତ୍ତନ ହେଉଥିବା ସେ କହିଥିଲେ। ଛତ୍ରପୁର ଉପକାରାଗାରରେ ବର୍ତ୍ତମାନ ୧୬୭ ଜଣ ବିଚାରାଧୀନ ବନ୍ଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୬୪ ଜଣ ପୁରୁଷ ଓ ୩ଜଣ ମହିଳା। ଆଗାମୀ ଦିନରେ ଅନ୍ତେବାସୀଙ୍କୁ ଜିଲା ପ୍ରଶାସନ ସହଯୋଗରେ ପଣସ ଚିପ୍‌ସ ଓ ଝାଡ଼ୁ ତିଆରି ନେଇ ତାଲିମ ଦିଆଯିବା କାର୍ଯ୍ୟକ୍ରମ ରହିଛି। ଯାହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇପାରିବେ।

# ୪ ଆନ୍ତଃ ଜିଲା ଡକାୟତ ଗିରଫ



ଖବରଦାତା ସମ୍ମିଳନୀରେ ଗିରଫ ୪ ଡକାୟତଙ୍କୁ ହାଜର କରାଯାଇଛି।

ରାଜଗାଙ୍ଗପୁର,୨୨।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୋଲିସ ଆନ୍ତଃଜିଲା ଡକାୟତି ଓ ଲୁଟ୍ ଦଳର ୪ସଦସ୍ୟଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ରାଜଗାଙ୍ଗପୁର ଥାନା ବଡଗୁଡିଆଲିର ପ୍ରମୋଦ ମାଝି(୨୨), ଜାମପାଲିର ମୁକେଶ କୁଜୁର (୨୩), ଧରୁଆଡ଼ିହି ଥାନା ବିରବିରାର ପ୍ରକାଶ ଜୟପୁରିଆ(୨୪), ସୁନ୍ଦରଗଡ଼ ସଦର ଥାନା ପାଣ୍ଡ୍ରିଡ଼ିପାର ବ୍ରହ୍ମାନନ୍ଦ ତନ୍ତୀ (୨୪)। ଅନ୍ୟ ଡକାୟତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ରାଜଗାଙ୍ଗପୁର ଏସ୍‌ଡିପିଓ ଡ. ଶଶାଙ୍କ ବେହୁରା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଥିଲେ ଯେ, ୧୦ ନଂ. ରାଜ୍ୟ ରାଜପଥ କୁନୁମୁରୁଠାରେ ଥିବା ଏକ ଢାବା ପଛ ପଟେ କେତେଜଣ ଡକାୟତ ଏକଜୁଟ ହୋଇ କୁନୁମୁରୁ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ରାଜଗାଙ୍ଗପୁର ଥାନାଧିକାରୀ ବୀଭସ ପ୍ରଧାନ ବିଶେଷ ସୂତ୍ରରୁ ଖବରପାଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୪ଜଣଙ୍କୁ କାବୁ କରିଥିଲାବେଳେ ୨ଜଣ ଫେରାର୍ ହୋଇଯାଇଥିଲେ। ସେମାନଙ୍କଠାରୁ ୨ଟି ଦେଶୀ ପିସ୍ତଲ, ଭୁଜାଲି, ଲୁହା ରଡ, ଦୁଇଟି ବାଇକ୍, ଗୋଟିଏ ମୋବାଇଲ ଜବତ କରାଯାଇଛି। ଏମାନେ ରାଜଗାଙ୍ଗପୁର ଅଞ୍ଚଳରେ ଡକାୟତି ଘଟଣାରେ ସଂଶ୍ଳିଷ୍ଟ ଥିଲେ। ଏହାସହିତ ବୀରମିତ୍ରପୁର ଥାନା ଅଧୀନସ୍ଥ କୁଆଁରମୁଣ୍ଡା ଡୁମେରକୋର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୬ ଲକ୍ଷ ଟଙ୍କା ଡକାୟତି ଘଟଣା, ସମ୍ବଲପୁର ଜିଲାର କୁଚିଣ୍ଡା ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ କ୍ୟାଶ ଡିପୋଜିଟ ଭ୍ୟାନରୁ ୩୫ଲକ୍ଷ ଟଙ୍କା ଡକାୟତି ଘଟଣାରେ ସମ୍ପୃକ୍ତ ଅଛନ୍ତି। ଏମାନଙ୍କ ନାମରେ ରାଜଗାଙ୍ଗପୁର ଥାନାରେ ୮, ବୀରମିତ୍ରପୁର, ଧରୁଆଡିହି, କୁଚିଣ୍ଡା ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି।

# କମିଛି ରେଡକ୍ରସ ପାଣ୍ଠି ସଂଗ୍ରହ

ସମ୍ବଲପୁର,୨୨।୮(ବ୍ୟୁରୋ)

## ସମ୍ବଲପୁର

- ବୈଠକରେ ଉଦ୍‌ବେଗ ପ୍ରକାଶ କଲେ ସଦସ୍ୟ
- କଲେଜଗୁଡ଼ିକରେ ହେବ ରକ୍ତଦାନ ଶିବିର

ସମ୍ବଲପୁର ଜିଲାରେ ରେଡକ୍ରସ ପାଣ୍ଠି ସଂଗ୍ରହ କମି ଯାଇଛି । ସରକାରୀ ଅଫିସଗୁଡିକରେ ଏହି ପାଣ୍ଠି ସଂଗ୍ରହ କରିବା ମୁଖ୍ୟ ଦାୟିତ୍ୱ ରହିଥାଏ । ହେଲେ ସେମାନଙ୍କ ଇଚ୍ଛା ଶକ୍ତି ଅଭାବ ଓ ଅବହେଳା ଯୋଗୁ ଆଶାନୁରୂପ ପାଣ୍ଠି ସଂଗ୍ରହ ହୋଇ ପାରୁନାହିଁ । ଶନିବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲା ରେଡକ୍ରସ ସୋସାଇଟି ବାର୍ଷିକ ବୈଠକରେ ଯୋଗ ଦେଇଥିବା ସଦସ୍ୟମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଜିଲାପାଳ ଦାୟିତ୍ୱରେ ଥିବା ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ରେଡକ୍ରସର ବିଭିନ୍ନ ସମସ୍ୟା, ଆୟବ୍ୟୟ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ସଦସ୍ୟମାନେ କହିଥିଲେ ଯେ, ଅସହାୟ ବ୍ୟକ୍ତିଙ୍କୁ ରେଡକ୍ରସ ସହାୟତା ଦେବାରେ ମୁଖ୍ୟ କାର୍ଯ୍ୟ ନିର୍ବାହ କରିଥାଏ । ଏଥିପାଇଁ ପାଣ୍ଠିର ଆବଶ୍ୟକ ରହିଛି । ତେବେ ବିଗତ କିଛି ବର୍ଷ ହେଲା ଅନେକ ସରକାରୀ କାର୍ଯ୍ୟାଳୟ ଗୁଡିକରୁ ରେଡକ୍ରସ ପାଣ୍ଠିକୁ ଅର୍ଥ ଯୋଗାଣ ନେଇ ସମସ୍ୟା ସୃଷ୍ଟି ହୋଇଛି । ଏବର୍ଷ ଜିଲାରେ ଥିବା ୫୭ଟି ସରକାରୀ କାର୍ଯ୍ୟାଳୟ ମାଧ୍ୟମରେ ୭୧ ଲକ୍ଷ ୧୦ ହଜାର ଟଙ୍କା ପାଣ୍ଠି ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ତେବେ ମାତ୍ର ୧୬ଟି ସରକାରୀ କାର୍ଯ୍ୟାଳୟରୁ ୧୮ ଲକ୍ଷ ୫୭ ହଜାର ୧୪୧ ଟଙ୍କା ରେଡକ୍ରସକୁ ମିଳିଛି । ଏଭଳି ସ୍ଥିତିରେ ରେଡକ୍ରସ ମାଧ୍ୟମରେ କିଭଳି ସେବା କାର୍ଯ୍ୟ ଚାଲିବ ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତାଲିକାରେ ଥିବା ୪୧ଟି ସରକାରୀ କାର୍ଯ୍ୟାଳୟରୁ ରେଡକ୍ରସ ପାଣ୍ଠିକୁ ଟଙ୍କାଟିଏ ମଧ ପ୍ରଦାନ ହୋଇନାହିଁ । ଏଭଳି ସ୍ଥିତିରେ ଉକ୍ତ ସରକାରୀ କାର୍ଯ୍ୟାଳୟକୁ ଚିଠି କରି ଏନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଏହାସହ ରେଡକ୍ରସ ପକ୍ଷରୁ ଯୋଗାଇ ଦିଆଯାଇଥିବା ୫ଟି ମହାପ୍ରୟାଣ ଗାଡିର ପରିଚାଳନା ଦାୟିତ୍ୱ ମହିଳା ଏସଏଚଜି ଗୋଷ୍ଠୀଙ୍କୁ ପ୍ରଦାନ କରିବାକୁ ମଧ ନିଷ୍ପତ୍ତି ହୋଇଛି । ରେଡକ୍ରସ ପକ୍ଷରୁ ବୁର୍ଲା ଭୀମସାରକୁ ୨ଟି, ସମ୍ବଲପୁର, କୁଚିଣ୍ଡା ଏବଂ ରେଢ଼ାଖୋଲକୁ ଗୋଟିଏ କରି ମହାପ୍ରୟାଣ ଗାଡି ଯୋଗାଇ ଦିଆଯାଇଛି । ଏହାର ପରିଚାଳନା ନେଇ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଥିବାରୁ ଏଭଳି ନିଷ୍ପତ୍ତି ଗ୍ରହଣ ହୋଇଛି । ସେହିପରି କୁଚିଣ୍ଡାରେ ଥିବା ମହାପ୍ରୟାଣ ଗାଡିର ଲେଖାକୁ ଲିଭାଇ ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଉକ୍ତ ଗାଡିରେ ମହାପ୍ରୟାଣ ଲେଖିବା ସହ ଆମ୍ବୁଲାନ୍ସ ଭାବେ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯୁବ ରେଡକ୍ରସ ଓ ଜୁନିୟର ରେଡକ୍ରସ ଜିଲା ରେଡକ୍ରସ ସହ ମିଶି କାର୍ଯ୍ୟ କରିବାକୁ ମଧ ନିଷ୍ପତ୍ତି ହୋଇଛି । ବର୍ତ୍ତମାନ ଚିକିତ୍ସା ପାଇଁ ରକ୍ତ ସମସ୍ୟା ସୃଷ୍ଟି ହେଉଥିବାରୁ ସମସ୍ୟାର ସମାଧାନ ପାଇଁ ବର୍ଷକୁ ଦୁଇ ଥର ସମସ୍ତ କଲେଜରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ବ୍ଲଡ ବ୍ୟାଙ୍କଗୁଡିକ ଯେଭଳି ଠିକଣା ଭାବେ ପରିଚାଳିତ ହେବ ଏନେଇ ସ୍ୱତନ୍ତ୍ର ଭାବେ ବୈଠକ କରିବାକୁ ପ୍ରସ୍ତାବ ପାରିତ ହୋଇଛି । ସେହିପରି ଉପାଧ୍ୟକ୍ଷ ପଦରେ ଜଣେ ମହିଳା ସ୍ୱେଚ୍ଛାସେବୀ ପଦ ଖାଲି ଥିବାରୁ ଉକ୍ତ ସ୍ଥାନରେ ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ନିଳାଦ୍ରୀ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ପଦ୍ମନାଭ ବେହେରା, ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ଭୀମସାର ଏଡିଏମ ସୁବ୍ରତ ନାୟକ, ଡିଏସଡବ୍ଲୁଓ ଗୀତାଞ୍ଜଳୀ ମହାପାତ୍ର, ଜିଲା ଜରୁରୀକାଳୀନ ଅଧିକାରୀ ଜୟଶ୍ରୀ ମିଶ୍ର, ଭୁବନେଶ୍ୱରରୁ ଆସିଥିବା ଡ. ଅଜୟ ତ୍ରିପାଠୀ, ଲକ୍ଷ୍ମଣ କୁମାର ସ୍ୱାଇଁ, ହରିଶଙ୍କର ପୁରୋହିତଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

**CIME Bhubaneswar — COLLEGE OF IT & MANAGEMENT EDUCATION**
(A Constituent College of BPUT, Odisha)
Plot No.4, Sector-A, Zone-B, Mancheswar Indl. Estate, Bhubaneswar-10,
No.KK-61:- Tel: 0674-2582442, www.cime.ac.in
**TENDER CALL NOTICE FOR RUNNING OF HOSTEL MESS OF CIME**
The last date and time of submission of tender documents is hereby extended upto 07.09.2021 by 2.00 PM and shall be opened on the same day at 3.00 PM. Other terms and conditions shall remain same.
OIPR-44005/11/0001/2122 PRINCIPAL

**ନିୟନ୍ତ୍ରିତ ବଜାର କମିଟି, କୋରାପୁଟ**
ଏତଦ୍ୱାରା ସମସ୍ତ ଚାଷୀ ଭାଇ ଓ ଭଉଣୀ, ବ୍ୟବସାୟୀ ଓ ଟ୍ରାନ୍ସପୋର୍ଟରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା କିଷାନ ରଥ ମୋବାଇଲ୍ ଆପ୍‌ର ସୁବ୍ୟବସ୍ଥା କରାଯାଇଛି। ଏହି ମୋବାଇଲ୍ ଆପ୍‌କୁ ନିଜର ମୋବାଇଲ୍ (Android Set) କିମ୍ବା ଆପଲ୍ ଫୋନ୍‌ରେ ଡାଉନଲୋଡ୍ କରି ଘରେ ବସି କୃଷିଜାତୀୟ ଦ୍ରବ୍ୟର ପରିବହନ କରିବା ପାଇଁ ସୁଯୋଗ ନିଅନ୍ତୁ। ଏହି ଆପ୍‌ରେ ମାଗଣା ପଞ୍ଜୀକରଣ ସୁବିଧା ଉପଲବ୍ଧ। ଏଥିରେ ଚାଷୀ, ବ୍ୟବସାୟୀ ଓ ପରିବହନକାରୀ ଉପକୃତ ହେବେ। ଏଣୁ ବିନମ୍ର ନିବେଦନ ଆପଣମାନେ ନିଜର ମୋବାଇଲ୍‌ରେ ଉକ୍ତ ଆପ୍‌କୁ ଇନ୍‌ଷ୍ଟଲକରି ଏହାର ସୁଯୋଗ ନିଅନ୍ତୁ।
ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି କୋରାପୁଟ
ସ୍ୱା./- ଉପଜିଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୩ ଅଗଷ୍ଟ, ୨୦୨୧

## ରେଡକ୍ରସର ଜିଲାସ୍ତରୀୟ ଅଧିବେଶନ

ସମ୍ବଲପୁର,(ବ୍ୟୁରୋ): ଭାରତୀୟ ରେଡକ୍ରସ ସୋସାଇଟ ପକ୍ଷରୁ ସମ୍ବଲପୁର ଜିଲାସ୍ତରୀୟ କାଉନସିଲର କାର୍ଯ୍ୟକାରୀ ସମିତି ବୈଠକ ରବିବାର ସରକାରୀ ମହିଳା କଲେଜ ସଭାକକ୍ଷରେ ହୋଇଥିଲା। କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ରେଡକ୍ରସର ଭୂମିକା ଉପରେ ଆଲୋଚନା କରିଥିଲେ। ଓଡିଶା ରାଜ୍ୟ ଶାଖାର ଡ. ଅଭୟ କୁମାର ତ୍ରିପାଠୀ, ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ସମ୍ବଲପୁର ଜିଲା ରେଡକ୍ରସ ସମିତି ଆବାହକ ପ୍ରଫେସର ପବିତ୍ର ମୋହନ ବେହେରା, ଜିଲା ସଂଯୋଜକ ପ୍ରଫେସର ଖଗେଶ୍ୱର ଦାଶ ଆଲୋଚନାରେ ଭାଗ ନେଇଥିଲେ। ଜିଲାର ବିଭିନ୍ନ କଲେଜ ଅଧକ୍ଷ ଓ ରେଡକ୍ରସ କାଉନସିଲର ଯୋଗ ଦେଇଥିଲେ। ହୀରାକୁଦ କଲେଜ ରେଡକ୍ରସ କାଉନସିଲର ସାମନ୍ତିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



**ସଂକ୍ଷେପରେ**

## ଚୋରା ଚାଲାଣ ବେଳେ କେନ୍ଦୁପତ୍ର ଜବତ

**ରେଢ଼ାଖୋଲ,୨୨।୮(ଡି.ଏନ.ଏ):** ଚୋରା ଚାଲାଣ ବେଳେ ରେଢ଼ାଖୋଲ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୧୦ ବଣ୍ଡଲ କେନ୍ଦୁପତ୍ର ଜବତ ହୋଇଛି। ଶନିବାର ବିଳମ୍ବିତ ରାତିରେ ୨ଟି ଗାଡିରେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ସୂଚନା ପାଇ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ବନବିଭାଗ କର୍ମଚାରଙ୍କୁ ଦେଖି ଚୋରାଚାଲାଣକାରୀମାନେ ଫେରାର ହୋଇ ଯାଇଥିଲେ। ତେବେ ରେଢ଼ାଖୋଲ ରେଞ୍ଜ ଅଧୀନ ଚାଟୁଣି ଗ୍ରାମ ନିକଟରୁ ୨ଟି ଗାଡିରେ ବୋଝେଇ ହୋଇଥିବା କେନ୍ଦୁପତ୍ର ଜବତ କରିଥିଲେ। ବୋଲେରୋ ପିକଅପ୍ ଭ୍ୟାନ୍ (ନଂ ଓଡି ୧୫ ଏନ -୪୯୩୯)ରୁ ୧୬୦ ବଣ୍ଡଲ ଓ ମିନି ଟ୍ରକ (ନଂଓଆର ୧୫ ଏଚ-୬୨୮୬)ରୁ ୨୫୦ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଥିବା ଜଣାପଡିଛି। ରେଢ଼ାଖୋଲ ରେଞ୍ଜ ଅଧିକାରୀ ମୈତ୍ରୀ ମଞ୍ଜିତ ବିଶ୍ୱାଳ, ଫରେଷ୍ଟର ଡୋଳାଧର ମେହେର, ଧର୍ମୁଧର ପ୍ରଧାନ, ସୁରେନ୍ଦ୍ର ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## କୁକୁଡ଼ା ଲଢ଼େଇ ଉପରେ ଚଢ଼ାଉ: ୩ ଅଟକ

**ଲହୁଣୀପଡା,୨୨।୮(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକର ଅନେକ ସ୍ଥାନରେ ରବିବାର ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ବେନିୟମ କୁକୁଡା ଲଢ଼େଇ ଓ ଜୁଆ ଖେଳ ହୋଇଥିବା ଜଣାପଡିଛି। ଖବରପାଇ ଲହୁଣୀପଡା ପୋଲିସ ଚଢ଼ାଉ କରି ତିନୋଟି ବାଇକ ଜବତ ସହ ତିନି ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ବ୍ଲକର ବିଭିନ୍ନ ଅଞ୍ଚଳରେ କେତେକ ଅସାଧୁ ବ୍ୟକ୍ତି ବିଭିନ୍ନ ପର୍ବପର୍ବାଣୀ ଆଳଦେଖାଇ ବେନିୟମ କୁକୁଡା ଲଢ଼େଇର ଆୟୋଜନ କରି ଲାଭବାନ ହେଉଥିବାବେଳେ ସାଧାରଣ ଲୋକ ବାଜି, ଜୁଆ, ମଦପିଇ ସର୍ବସାନ୍ତ ହେବା ସହିତ ଛୋଟବଡ ଅଘଟଣ ମଧ ସୃଷ୍ଟି ହେଉଥିବା ନଜିର ରହିଛି। ବ୍ଲକର ଏଲାବେକା, ହଳଦୀକାଞ୍ଚି ଜଙ୍ଗଲ ଭିତରେ ଏବଂ ସୁଆରପାଲିଠାରେ ବେନିୟମ କୁକୁଡା ଲଢ଼େଇ ହେଉଥିବା ଖବରପାଇ ଲହୁଣୀପଡା ପୋଲିସ ସୁଆରପାଲି କୁକୁଡା ଲଢ଼େଇ ଉପରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଲୋକମାନେ ଦୌଡି ପଳେଇଥିଲେ।

## ଇବ୍ ଥର୍ମାଲ ବ୍ରହ୍ମାକୁମାରୀ କେନ୍ଦ୍ରରେ ରକ୍ଷାବନ୍ଧନ ଉତ୍ସବ

**ଝାରସୁଗୁଡା ଅଫିସ୍,୨୨।୮:** ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱ ବିଦ୍ୟାଳୟ ଇବ୍‌ଥର୍ମାଲ କେନ୍ଦ୍ରରେ ରବିବାର କେନ୍ଦ୍ରର ପ୍ରମୁଖ ଭଉଣୀ ବିକେ ବିନ୍ଦୁଙ୍କ ଅଧ୍ୟକ୍ଷତାରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକେ ମିତା ଭଉଣୀ, ବିକେ ସୁଦର୍ଶନ, ବିକେ ବୃନ୍ଦଦେବ, ବିକେ ରମଣି, ବିକେ ଗୋକୁଳ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ କେନ୍ଦ୍ରର ପ୍ରମୁଖ ବିକେ ବିନ୍ଦୁ ଭଉଣୀ ରକ୍ଷାବନ୍ଧନ ସମ୍ପର୍କରେ ବାର୍ତ୍ତା ଦେଇ କହିଥିଲେ, ଆତ୍ମ ଜାଗୃତି କରିବା ସହ ବିଶ୍ୱରେ ଭାଇଚାରା ପ୍ରତିଷ୍ଠା ପାଇଁ ସ୍ୱୟଂ ପରମାତ୍ମା ରକ୍ଷାବନ୍ଧନ ମାଧ୍ୟମରେ ଦିବ୍ୟସନ୍ଦେଶ ଦେଇଛନ୍ତି। ଏହି ଦିବ୍ୟ ସନ୍ଦେଶ ବଳରେ କୁସଂସ୍କାର ଦୂର କରିବା, ନିଜ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଭଉଣୀମାନେ ଭଉଣୀ, ଭାଇ ଓ ଛୋଟ ଶିଶୁମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ।

## ବିଦ୍ୟାଳୟରେ ତୁଳସୀ, ନିମ୍ବ ଚାରା ରୋପଣ

**କୁତ୍ରା,୨୨।୮(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗରେ ଥିବା ସନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ଶନିବାର ରାଜ୍ୟ ଓଷ୍ଟାର ଆହ୍ୱାନ କ୍ରମେ ତୁଳସୀ ଓ ନିମ୍ବ ବୃକ୍ଷ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଓଷ୍ଟା ସଭାପତି ବିଭୀଷଣ ବାରିକ, ଜିଲା ଉପସଭାପତି ନିତ୍ୟାନନ୍ଦ ବେହେରା ଓ କୁତ୍ରା ବ୍ଲକ ଓଷ୍ଟା ରାଜ୍ୟ ପରିଷଦ ସଭ୍ୟ ଅମରେଶ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ତୁଳସୀ ଓ ନିମ୍ବଗଛର ବିଭିନ୍ନ ପ୍ରକାର ଔଷଧୀୟ ଗୁଣ ଓ ଉପକାରିତା ବିଷୟରେ ଅତିଥିମାନେ କହିଥିଲେ। ସମସ୍ତ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଯତ୍ନ ନେବା, ନିଜ ବାଡ଼ିରେ ତଥା ଅଞ୍ଚଳରେ ଗଛ ଲଗାଇ ପରିବେଶ ସନ୍ତୁଳନ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ତଥା ଓଷ୍ଟା ବ୍ଲକ ସମ୍ପାଦକ ମହେନ୍ଦ୍ର ସିଂ ପରିଚାଳନା କରିଥିଲେ। ବିଦ୍ୟାଳୟର ଥୋମାସ ବିଲୁଙ୍ଗ, ମମତା ସ୍ୱାଇଁ, କୁମାରୀ ଜୟପୁରିୟା, ଗୋପାଳକୃଷ୍ଣ ଦାସ, ଭିକାରି ଦାସ, ବିଜୟ କେର୍କେଟା, ପ୍ୟାରେଲାଲ ସାହୁ, ଉଦିତ ସିଂ, ରବି କୁମାର ତଥା ବିଦ୍ୟାଳୟର ସବୁଜ ବାହିନୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଗଙ୍ଗାଧର ସାହିତ୍ୟରେ ନାରୀ ଚରିତ୍ରକୁ ଗୁରୁତ୍ୱ

**ସମ୍ବଲପୁର,୨୨।୮(ବ୍ୟୁରୋ)**



ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଅବସରରେ ମେହର ପ୍ରଦୀପ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟ,ଗ୍ରନ୍ଥାବଳୀ ଗୁଡିକ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପ୍ରେରଣାଦାୟୀ। ପ୍ରକୃତି, ଚାଷ, ଜୀବନ ଶୈଳୀ, ପର୍ବପର୍ବାଣୀ, ପରମ୍ପରା ତାଙ୍କ କାବ୍ୟରେ ପ୍ରତିଫଳିତ ହୋଇଛି। ହେଲେ ତାଙ୍କର ଅଧିକାଂଶ କାବ୍ୟରେ ନାରୀ ଚରିତ୍ରକୁ ଗୁରୁତ୍ୱ ଦିଆଯାଇଛି। ଏହାର ଏକ ଉଦାହରଣ ତପସ୍ୱିନୀ କାବ୍ୟରେ ରହିଛି। ରାମାୟଣରେ ସୀତାରାମଙ୍କ ଚରିତ୍ରକୁ ବିଭିନ୍ନ ଭାଷାରେ ଭିନ୍ନ ଢଙ୍ଗରେ ଉପସ୍ଥାପନା କରାଯାଇଛି। ହେଲେ ଗଙ୍ଗାଧର ସୀତା ଚରିତ୍ରକୁ ଗୁରୁତ୍ୱ ଦେଇ ବର୍ଣ୍ଣନା କରିଛନ୍ତି। ଜନକ ରାଜାଙ୍କ ପାଳନ ସମୟରୁ ଆରମ୍ଭ କରି ପ୍ରତି ମୁହୂର୍ତ୍ତରେ ସୀତା ନିର୍ଯାତିତ ହୋଇ କଷ୍ଟକୁ ସ୍ୱୀକାର କରିଛନ୍ତି। ସୀତା ଜଣେ ଈଶ୍ୱରୀୟ ସତ୍ତା ହୋଇଥିଲେ ମଧ ତାଙ୍କର ମାନବୀୟ ନାରୀତ୍ୱର ସହଜ, ସ୍ୱାଭାବିକ କଷ୍ଟକୁ ଅଗ୍ରାଧିକାର ଦିଆଯାଇଛି। ଏକାଧିକ ସ୍ଥାନରେ ସୀତାକୁ ଦେବୀ ନା ମାନବୀ ବୋଲି ସ୍ୱତଃ ପ୍ରଶ୍ନ କରିଛନ୍ତି। ନାରୀକୁ ବିବିଧ ସ୍ୱରୂପ ଦ୍ୱାରା ପରିପୁଷ୍ଟ

**ମେହେର ପ୍ରଦୀପ ପତ୍ରିକା ଉନ୍ମୋଚିତ**

କରାଯାଉଛି ବୋଲି ଜିଏମୟୁରେ ଗଙ୍ଗାଧର ମେହେର ଜୟନ୍ତୀ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥିତଯଶା କବି ଓ ଆଲୋଚକ ହରପ୍ରସାଦ ଦାସ କହିଥିଲେ। ଜିଏମୟୁ କୁଳପତି ପ୍ରଫେସର ଏନ.ନାଗାରାଜୁଙ୍କ ସଭାପତିତ୍ୱରେ ଭର୍ଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଳସଚିବ ଯୁଗଳେଶ୍ୱରୀ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଉପ କୁଳସଚିବ ଉମା ଚରଣ ପତି ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମେହର ପ୍ରଦୀପ ପତ୍ରିକା ଉନ୍ମୋଚିତ ହୋଇଥିଲା। ପ୍ରତି ୬ ମାସରେ ଥରେ ଏହି ପତ୍ରିକା ଉନ୍ମୋଚନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଓଡିଆ ଓ ଇଂରାଜୀରେ ପ୍ରକାଶ ପାଇବ। ଏଥିରେ ବିଶ୍ୱସ୍ତରୀୟ ଲେଖକମାନଙ୍କୁ ଯୋଡିବାକୁ ମଧ ଲକ୍ଷ୍ୟ ରହିଛି। ଅପରପକ୍ଷରେ ସକାଳେ ଜିଏମୟୁ ପରିସରରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜେଏମୟୁ କର୍ତ୍ତୃପକ୍ଷଙ୍କ ସମେତ ଓଡିଶା ସଂସ୍କୃତି ସମାଜ, ମେହେର ସମାଜ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ସେହିପରି ନେତାଜୀ ସୁବାସ ଚନ୍ଦ୍ର ବୋଷ କଲେଜ ସଭାକକ୍ଷରେ ଅଧକ୍ଷ ଡ.ଶ୍ୟାମ ଭୋଇଙ୍କ ପରିଚାଳନାରେ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ

**ସମ୍ବଲପୁର,୨୨।୮ (ବ୍ୟୁରୋ)**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ପୁରରୁ ପଲ୍ଲୀ କବିଙ୍କ ଜୟଗାନରେ ମୁଖରିତ ହୋଇଛି। ସକାଳ ୮ଟାରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଛାତ୍ରୀଛାତ୍ର, କ୍ରୀଡାବିତ, ଯୁବତୀ, ମହିଳାମାନେ ମାଲ୍ୟାର୍ପଣ କରି ପ୍ରଣିପାତ କରିଛନ୍ତି। କବିଙ୍କ କାଳଜୟୀ ସୃଷ୍ଟି ମଙ୍ଗଳେ ଅଇଲା ଉଷା... କବିତାକୁ ସାମୁହିକ ଗାନ କରାଯାଇଥିଲା। ସେହିପରି ବୀରସୁରେନ୍ଦ୍ର ସାଏ ଟାଉନ ହଲ ପରିସରସ୍ଥ କବିଙ୍କ ପ୍ରତିମୂର୍ତ୍ତିରେ ଭୁଲିଆ ସମାଜ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଦୀପ ପ୍ରଜ୍ୱଳନ କରି ପୁଷ୍ପ ଅର୍ପଣ କରିଥିଲେ। ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ କବିଙ୍କ କାବ୍ୟକୃତିକୁ ନେଇ ଆଲୋଚନା ହୋଇଥିଲା। ସଭାପତି ପ୍ରଫୁଲ୍ଲ କୁମାର ହୋତା ଅଧ୍ୟକ୍ଷତା କରିଥିଲେ। ସାହିତ୍ୟକ ଡ. ଗୌରୀଦାସ ପ୍ରଧାନ ଓ ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଆଲୋଚକ ଭାବେ ଯୋଗଦେଇଥିଲେ। ସମ୍ପାଦକ ସରୋଜ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବଲପୁର କଳା ପରିଷଦ କଳାକାରମାନେ ଗଙ୍ଗାଧରଙ୍କ କବିତାକୁ ଗାନ କରିଥିଲେ। ସୂର୍ଯ୍ୟ ପ୍ରକାଶ ଗୁରୁ ପରିଚାଳନା କରିଥିବା ବେଳେ କପିଳେନ୍ଦ୍ର ସାହୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଅଧକ୍ଷ ଡ. ଶ୍ୟାମ ଭୋଇଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଟିଟିଲାଗଡ ଡିଏଭି ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କୁ ବିଶ୍ୱ ଚେତନାର ମହାକବି ବୋଲି ଅଭିହିତ କରିଥିଲେ। ଡିଏଭି ମହାବିଦ୍ୟାଳୟ ଇଂରାଜୀ ପ୍ରଧାପକ ଡ. ମୃତ୍ୟୁଞ୍ଜୟ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଯେ କୌଣସି ବିଶ୍ୱ ସାହିତ୍ୟ ତୁଳନାରେ କିଛି କମ୍ ନୁହେଁ ବୋଲି କହିଥିଲେ। ଛାତ୍ର ସୌରଭ ଷଡଙ୍ଗୀ ଜୟ ଜଗଦୀଶ ହରେ ଗାନ କରିଥିଲେ। ଅଧାପକ ଡ. ରଘୁମଣି ନାୟକ, ଅଧାପିକା ଶ୍ରଦ୍ଧାମୟୀ ପୁରୋହିତ, ଅଧାପକ ହରିହର ମଲ୍ଲିକ ସୂଚନା ପ୍ରଦାନ କରିଥିଲେ। ଅଧାପିକା ମେଞ୍ଜା ପୃତି ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ମହାପଡ଼ା ଚାମ୍ପିୟନ

**କୁତ୍ରା, ୨୨।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ବୁଢ଼ାକଟା ଗ୍ରାମରେ ଜୟ ଦୁର୍ଗା କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମହାପଡା ଓ ପିଣ୍ଡାପଥର ମଧ୍ୟରେ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ପେନଲାଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଉଭୟ ଦଳ ସମାନ ସଂଖ୍ୟକ ଗୋଲ ଦେବାରୁ କୌଣସି ଫଳାଫଳ ନିର୍ଣ୍ଣୟ ହୋଇ ପାରି ନ ଥିଲା। ଶେଷରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ମହାପଡା ବିଜୟୀ ହୋଇ ଟାଇଟଲ ହାତେଇଥିଲା। ରନର୍ସ ଅପ ହୋଇଥିଲା ପିଣ୍ଡାପଥର। ରଜାବସା ତୃତୀୟ ଓ ବୁଢ଼ାକଟା ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ବିଧାୟକ ଡକ୍ଟର ସିଏସ୍ ରାଜନ ଏକ୍କା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ମୁଖରାମ ନାଏକ, ଜିଲା ପରିଷଦ ସଦସ୍ୟ ଶରତ ଚନ୍ଦ୍ର ସା, ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର ବିଭାଗର ଲିମାରୋଜ ଲାକ୍ରା, ହେମନ୍ତ ବେହେରା ଯୋଗ ଦେଇଥିଲେ। ଚାମ୍ପିୟନ ମହାପଡାକୁ ଟ୍ରଫି ସହ ୮୦୦୦ ଟଙ୍କା, ରନର୍ସ ଅପ୍ ପିଣ୍ଡାପଥର ଦଳକୁ ୫୦୦୦ ସହିତ ଟ୍ରଫି, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୫୦୦ ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବିଧାୟକ ଏକ୍କା ନିଜ ବକ୍ତବ୍ୟରେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବୁଢ଼ାକଟା ଗ୍ରାମରେ ଖୁବଶୀଘ୍ର ଏକ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆୟୋଜକ କମିଟିର ସଭାପତି ଟଙ୍କଧର ବରିହାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। କୁନନ୍ଦନ ସାହୁ, ସାନୁ କଲସେର, କୋମଳ ପାଉଲେ, ରୋହିତ କୁମରା, ରାଜା, ଗୁଲବୋଦନ ଲାକ୍ରା, କିଶୋର ବେହେରା, କୃଷ୍ଣ ବେହେରା, ପିଲୁ ବୁଡା, ମନୋଜ ବୁଡା, ଅଜିତ ସାହୁ, ମାନସ ସାହୁ, ଲିଳିତ, ମିଥୁନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

## ନୀଳଚକ୍ର ପକ୍ଷରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ରାଜଗାଙ୍ଗପୁର,୨୨।୮ (ଡି.ଏନ.ଏ)**

ଶନିବାର ରାଜଗାଙ୍ଗପୁର ନୀଳଚକ୍ର ଶାଖା ଦ୍ୱାରା ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ନୀଳଚକ୍ର ସଭାପତି ଶଶିରେଖା ସାମଲଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ମେହେରଙ୍କ ଅବଦାନ ଓଡିଆ ଭାଷା ସାହିତ୍ୟ ପ୍ରତି ଅତୁଳନୀୟ। ଗଙ୍ଗାଧର ମେହେର ସ୍ୱଭାବ କବି ଭାବେ ପରିଚିତ। ତାଙ୍କର ଉତ୍କଳ ଲକ୍ଷ୍ମୀ, ପ୍ରଣୟ ବଲ୍ଲରି, କୀଚକବଧ, ତପସ୍ୱିନୀ ଓଡିଆ ସାହିତ୍ୟର ଅମଳୀନ କୃତି, ଯାହା ଯୁଗେ ଯୁଗେ ଅମର ହୋଇ ରହିବ ବୋଲି ମତ ଦେଇଥିଲେ। ଏହି ଅବସରରେ ଶ୍ରୀଧର ସ୍ୱାଇଁ, ବିଦ୍ୟାଧର ପାଢ଼ି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସର୍ଲାକାନୀକୁ ହରାଇ ପଢ଼ିଆବାହାଲ ବିଜୟୀ


ସମ୍ବଲପୁର ଡାକଡେରା ଫୁଟବଲ ଟୁର୍ନାମେଣ୍ଟ।

**ସମ୍ବଲପୁର,୨୨।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଡାକଡେରା ମା'ମେଟାକାନୀ କ୍ଲବ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା। ଫଇନାଲ ମ୍ୟାଚରେ ସର୍ଲାକାନୀକୁ ୫-୪ ଗୋଲରେ ହରାଇ ପଡିଆବାହାଲର ଆରକେ ୧୧ ବିଜୟୀ ହୋଇଛି। ଏହି ଏକ ଦିବସୀୟ ମ୍ୟାଚରେ ମୋଟ ୧୬ ଗୋଟି ଦଳ ଭାଗ ନେଇଥିଲେ। କ୍ଲବ ସଭାପତି କୈଳାସ ଅଦାବରଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି

**ଡାକଡେରା ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ**

ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ମାନିତ ଅତିଥି ଭାବେ ସୁଧୀର ପାଣିଗ୍ରାହୀ, ଡାକ୍ତର ରାଜରାମ ଷଡଙ୍ଗୀ, ପୂର୍ବତନ ସରପଞ୍ଚ ଗଣେଶ ତାଣ୍ଡିଆ ଯୋଗ ଦେଇଥିଲେ। ବୃଷଭାନୁ ମହନ୍ତ, ରାଜାରାମ ଓରାମ, ବିଜୟ ଓରାମ, ବରୁଣ ନାଏକ, ବିଜୟ ମୁଣ୍ଡା, ଲିଙ୍ଗରାଜ ପ୍ରଧାନ ମ୍ୟାଚଗୁଡିକ ପରିଚାଳନା କରିଥିଲେ।

# ଅମିତ, ବୀରେନ୍ଦ୍ରଙ୍କୁ ଜନ୍ମମାଟି ସଉନାମୁରାରେ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୨୨।୮ (ଡି.ଏନ୍.ଏ)**



ଜିଲା ପ୍ରଶାସନ ତଥା ଏନଟିପିସି ଦୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ଟୋକିଓ ଅଲମ୍ପିଆଡ୍ ଅମିତ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରାଙ୍କୁ ଜନ୍ମମାଟି ସଉନାମୁରାରେ ରବିବାର ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ପ୍ରଶାସନ ତଥା ଏନଟିପିସି ଦୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅମିତ ଓ ତାଙ୍କ ମାଆ ଗୋଲାପୀ ରୋହିଦାସଙ୍କ ସମେତ ବୀରେନ୍ଦ୍ର ଲାକ୍ରା, ପୂର୍ବତନ ଅଲମ୍ପିଆଡ୍ ସୁଭଦ୍ରା ପ୍ରଧାନ, ଦୀପସାନ୍ ତିର୍କୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନ କଲ୍ୟାଣ, ହକି ପ୍ରମୋସନ କାଉନସିଲର ପଦ୍ମଶ୍ରୀ ଡକ୍ଟର ଦିଲୀପ ତିର୍କୀ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ଅତିରିକ୍ତ ଜିଲାପାଳ ବିଶ୍ୱଜିତ୍ ମହାପାତ୍ର, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ବାଲିଶଙ୍କରା ବିଡିଓ ବାସନ୍ତୀ ଲାକଡା, ଏନଟିପିସି ଦୁଲଙ୍ଗା କୋଇଲାଖଣି ପ୍ରକଳ୍ପର ଚିଫ୍ ଜେନେରାଲ ମ୍ୟାନେଜର ସିଆର ବାରିକ ପ୍ରମୁଖ ଯୋଗଦେଇ ଏହି ହକିତାରକାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅମିତଙ୍କୁ ସବଡେଗା, ତଳସରା ଛକଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ନିଜଗ୍ରାମ ସଉନାମରା ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ତାଙ୍କ ଘର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ତାଙ୍କ ମାଆ ଓ ପରିବାର ପକ୍ଷରୁ ତାଙ୍କୁ ସ୍ୱାଗତ କରି ଘରକୁ ନେବା ପରେ ତାଙ୍କ ଭଉଣୀ ମାନେ ତାଙ୍କୁ ରାକ୍ଷୀ ବାନ୍ଧିଥିଲେ। ଦୀର୍ଘ ୮ମାସ ପରେ ନିଜ ଗାଁମାଟିକୁ ଫେରି ସେ ବେଶ ଖୁସି ଅନୁଭବ କରିଥିଲେ।

## ହକିତାରକା ଅମିତଙ୍କୁ ସମ୍ବର୍ଦ୍ଧିତ କଲେ ରୋହିଦାସ ସେବାସଂଘ

**ବାଲିଶଙ୍କରା,୨୨।୮(ଡି.ଏନ୍.ଏ.)**

ହକି ତାରକା ଅମିତ ରୋହିଦାସଙ୍କୁ ନିଜ ଗାଁ ସଉନାମରା ବାସଗୃହରେ ସାକ୍ଷାତ କଲେ ଜିଲା ରୋହିଦାସ ସେବା ସଂଘ କର୍ମକର୍ତ୍ତା। ସାଙ୍ଗରେ ଥିଲେ ଓଡିଶା ରୋହିଦାସ ସମାଜ ତଥା ସମ୍ବଲପୁର , ବରଗଡ, ବଲାଙ୍ଗୀର ଜିଲାର ରୋହିଦାସ କର୍ମକର୍ତ୍ତା। ତାଙ୍କୁ ତଥା ତାଙ୍କ ମା' ଓ ପରିବାରଙ୍କୁ ସମାଜ ତରଫରୁ ସାକ୍ଷାତ କରାଯାଇ ଆନନ୍ଦ ଉଲ୍ଲାସରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ନିଜ ସମାଜ, ନିଜ ଜିଲା, ରାଜ୍ୟ ତଥା ଦେଶର ଟେକ ରଖିଥିବାରୁ ଗର୍ବ ଅନୁଭବ କରି ଥିବାର ସଭାପତି ସୁରେନ୍ଦ୍ର ରୋହିଦାସ, ଉପସଭାପତି ସୁଖର ରୋହିଦାସ, ସମ୍ପାଦକ ଯୋଗେନ୍ଦ୍ର ରୋହିଦାସ ତଥା ଓଡିଶା ରୋହିଦାସ ସମାଜ ସଭାପତି ସୀତାରାମ ରୋହିଦାସ,ସମ୍ବଲପୁର ସଭାପତି କେଶବ ରୋହିଦାସ କହିଥିଲେ।

# ସାମୂହିକ ରକ୍ଷାବନ୍ଧନ କାର୍ଯ୍ୟକ୍ରମ


ସାମୁହିକ ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଓ ଅତିଥିମାନେ।

**ସମ୍ବଲପୁର,୨୨।୮ (ବ୍ୟୁରୋ)**

ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମୁହିକ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ରବିବାର ସମ୍ବଲପୁର ଦାନୀବନ୍ଧସ୍ଥିତ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା କେନ୍ଦ୍ର ପରିଚାଳିକା ବ୍ରହ୍ମକୁମାରୀ ପାର୍ବତୀ ରକ୍ଷାବନ୍ଧନ ବିଷୟରେ ଆଲୋକପାତ କରିଥିଲେ। ରକ୍ଷା ବନ୍ଧନ ସ୍ନେହ, ପ୍ରେମର ପ୍ରତୀକ। ସମସ୍ତଙ୍କ ଲାଗି ପ୍ରତ୍ୟେକ ସମୟରେ ରକ୍ଷା କବଚ। ସେଥିପାଇଁ ସମସ୍ତଙ୍କ ହାତରେ ରାକ୍ଷୀ ବନ୍ଧା ଯାଇଥାଏ ବୋଲି କହିଥିଲେ। ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମକୁମାରୀ ଦୀପା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପ୍ରଶିକ୍ଷଣ ଶିବିରରେ ଯୋଗଦେଲେ ଜିଲାର ୩ କଳାକାର

**ବଡ଼ଗାଁ,୨୨।୮ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାର ୩ କଳାକାର ଭୁବନେଶ୍ୱରରେ ରାଜ୍ୟ ସଂସ୍କୃତି ବିଭାଗ ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଛନ୍ତି। ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବମଲ ବିଶୋଇ, ୟୁନିସେଫର ଯୋଗାଯୋଗ ବିଶେଷଜ୍ଞ ଲୋପାମୁଦ୍ରା ତ୍ରିପାଠୀ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଥିଲା। ଏଥିରେ ୧୦ଟି ଜିଲାର ସଂସ୍କୃତି ସଂଘ ଏବଂ ଲୋକକଳାର କଳାକାରଙ୍କୁ ନେଇ ଶିବିର ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ଜିଲା ସାଂସ୍କୃତିକ ସଂଘର ସଙ୍ଗୀତ ଗୁରୁ ରମେଶ ସୁନା, ଲେଫ୍ରିପଡା ବ୍ଲକର କୀର୍ତ୍ତନ ଗୁରୁ ରଜନୀକାନ୍ତ ଆଚାର୍ଯ୍ୟ, ବଡଗାଁ ବ୍ଲକର ପାଲାଗୁରୁ ଫକିର ବାଡା ଯୋଗଦେଇ ସଚେତନତା ରଥ, କୋଭିଡ ବାର୍ତ୍ତା, ଶିଶୁ ସୁରକ୍ଷା, ସ୍ତନ୍ୟପାନ ଆଦି ଉପରେ ସଙ୍ଗୀତ ଆବୃତ୍ତି କରିଥିଲେ।



ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ମୁହୂର୍ତ୍ତ।

# ଗର୍ଭବତୀଙ୍କୁ ଫାଣ୍ଡି ଗାଡ଼ିରେ ପଠାଇଲେ ଡାକ୍ତରଖାନା

**ଦେବଗଡ଼,୨୨।୮(ଡି.ଏନ୍.ଏ.)**


ଗର୍ଭବତୀଙ୍କୁ ଫାଣ୍ଡିଗାଡ଼ିରେ ଡାକ୍ତରଖାନା ନିଆଯାଉଛି।

ବେଆଇନ ମଦ କାରବାର ସନ୍ଧାନରେ ଯାଇଥିବା ଜଣେ ଯୁବ ଏଏସ୍‌ଆଇ ମାନବିକତା ଦେଖାଇ ରାସ୍ତା ନ ଥିବା ଗାଁରୁ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କୁ ଫାଣ୍ଡି ଗାଡ଼ିରେ ବୋହି ଆଣି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଇଥିବା ଜଣା ପଡିଛି। ଦେବଗଡ଼ ଜିଲା କୁଣ୍ଢେଇଗୋଳ ଥାନା ଖଇରପାଲି ଫାଣ୍ଡି ଦାୟିତ୍ୱରେ ଥିବା ଯୁବ ଏଏସ୍‌ଆଇ ବିଜୟ କୁମାର ଦେହୁରୀ କୌଣସି ଏକ ମାମଲାର ତଦନ୍ତ ପାଇଁ ଶନିବାର ସକାଳୁ ଖଣ୍ଡାଧୂଆଁ ରାସ୍ତାଦେଇ ହରିହରପୁର ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ନିକଟସ୍ଥ ବରଖୋଲ ଗ୍ରାମକୁ ବେଆଇନ ରନ୍ଧା ମଦ କାରବାର ସନ୍ଧାନରେ ବାହାରିଥିଲେ। ତେବେ ପ୍ରାୟ ୧୦ଟି ଆଦିବାସୀ ପରିବାର ବିଶିଷ୍ଟ ଉକ୍ତ ଗ୍ରାମକୁ ଯିବା ପାଇଁ ପାଦଚଲା ରାସ୍ତା ବ୍ୟତୀତ କୌଣସି ଅନ୍ୟ ରାସ୍ତା ନ ଥିବାରୁ ଫାଣ୍ଡି ଗାଡ଼ିରେ ଧୀରେଧୀରେ ଆଗକୁ ବଢିଥିଲେ। ତେବେ ଉକ୍ତ ଗ୍ରାମରେ ପହଞ୍ଚିବା ପରେ ସେଠାରେ ପୂର୍ଣ୍ଣ ଚନ୍ଦ୍ର ଭଦ୍ରାଙ୍କ ସ୍ତ୍ରୀ ସୁଶୀଳା (୨୨) ପ୍ରସବ ବେଦନାରେ ଛଟପଟ ହେଉଥିବା ଜାଣିବାକୁ ପାଇଥିଲେ। ଉକ୍ତ ଗ୍ରାମରେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିବା ଅସମ୍ଭବ ଥିଲା। ଏହା ଦେଖି ଦେହୁରୀ ତୁରନ୍ତ ଫାଣ୍ଡି ଗାଡ଼ିରେ ପ୍ରସୂତି ମହିଳାଙ୍କୁ ବସାଇ ୪କି.ମି ପାହାଡିଆ ଓ ହିଙ୍ଗୁଳା ନାଳ ଅତିକ୍ରମ କରାଇବା ସହ ୧୦୮ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ସୂଚନା ପାଇ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ଗ୍ରାମର ମୁଖ୍ୟ ରାସ୍ତା ନିକଟକୁ ପହଞ୍ଚିବା ପୂର୍ବରୁ ଫାଣ୍ଡି ଗାଡିରେ ସୁଶୀଳାଙ୍କୁ ସେଠାକୁ ନେଇ ପହଞ୍ଚାଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବା

**ମାନବିକତା ଦେଖାଇଲେ ଯୁବ ଫାଣ୍ଡି ଅଧିକାରୀ**

ପରେ ଫାଣ୍ଡି ଓ ଆମ୍ବୁଲାନ୍ସ କର୍ମଚାରୀଙ୍କ ସହାୟତାରେ ସୁଶୀଳାଙ୍କୁ ଆମ୍ବୁଲାନ୍ସରେ ବସାଇ ଛତାବର ଡାକ୍ତରଖାନାକୁ ପହଞ୍ଚାଇ ଥିଲେ। ଏହି ଘଟଣା ଜଣାପଡିବା ପରେ ଯୁବ ଏଏସଆଇ ଦେହୁରୀଙ୍କ ଏଭଳି ମାନବିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏସ୍‌ପି ରାଜକିଶୋର ପାଇକରାୟ ଦେହୁରୀଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଏସ୍‌ପି ପାଇକରାୟ ଜିଲା ପୋଲିସ ଜନସାଧାରଣଙ୍କ ସୁଖଦୁଃଖର ସାଥି ବୋଲି ଅଭିହିତ କରିବା ସହ ପୋଲିସକୁ ଅନ୍ୟ ଦୃଷ୍ଟିଭଙ୍ଗୀରେ ନ ଦେଖିବାକୁ କହିଥିଲେ। ପୋଲିସ ଓ ଜନସାଧାରଣ ବନ୍ଧୁତ୍ୱ ଭାବ ରଖି ଜିଲାକୁ ଏକ ଅପରାଧମୁକ୍ତ ଜିଲା ଭାବେ ଗଢି ତୋଳିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

## ଜୁଆଆଡ୍ଡାରେ ଚଢାଉ, ୫ ଗିରଫ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସକମା ଗ୍ରାମର ଏକ ଜୁଆଆଡ୍ଡାରେ ସ୍ଥାନୀୟ ପୋଲିସ ଚଢାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିକାଶ ପଧାନ, ଶମ୍ଭୁ ବେହେରା, ସୁଶାନ୍ତ ସ୍ୱାଇଁ, ଅର୍ଜୁନ ରାଉତ ଓ ଗଣେଶ୍ୱର ସାହୁ। ଏ ନେଇ ଥାନାରେ ଏକ ମାମଲା(ନଂ. ୨୪୮/୨୧) ରୁଜୁ ହୋଇଛି। ଶନିବାର ଅପରାହ୍ନରେ ଲୋଇସିଂହା ପୋଲିସ ସକମା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଜୁଆ ଖେଳାଯାଉଥିବା ଦେଖିବାକୁ ପାଇଥିଲା। ଚଢାଉ କରି ତାସପୁଡା, ୩ଟି ମୋବାଇଲ, ୪ଟି ବାଇକ ଚାବି ଓ ଟଙ୍କା ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି।

### ସଂକ୍ଷେପରେ

## ଫିଲଟର ଖରାପ: ମାସେ ହେଲା ଜଳ ଯୋଗାଣ ବନ୍ଦ



ଜୁନାଗଡ,୨୨।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚେଁଗୁଡା ଗ୍ରାମରେ ନିର୍ମାଣ ହୋଇଥିବା ଅମୃତ ଧାରା ପ୍ରକଳ୍ପ ଗତ ମାସେ ହେଲା ଫିଲଟର ଖରାପ ଯୋଗୁ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ସ୍ଥାନୀୟ ଲୋକେ ବିଶୁଦ୍ଧ ଥଣ୍ଡା ପାଣି ପିଇବାରୁ ଏବେ ବଞ୍ଚିତ ହୋଇଛନ୍ତି। ଶୀଘ୍ର ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଏହାର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରକାଶ ଯେ, ଅକ୍ଟୋବର ୨୦୧୯ ରେ ଏଠାରେ ଅମୃତ ଧାରା ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହାକୁ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ଉଦ୍‌ଘାଟନ କରିଥିଲେ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଗୁପ୍ତ ନାଏକଙ୍କୁ ପଚାରିବାରୁ ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ଖଡିଆଳ,୨୨।୮(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଥାନା ଡୁଆଝର ଗାଁରେ ଜଣେ ବିବାହିତ ଯୁବକ ଘରେ ଶାଢ଼ୀ ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଡୁଆଝର ଗାଁର କିରଣ ସରାଫ (୩୨)। ପାରିପାରିକ କଳହକୁ କେନ୍ଦ୍ରକରି କବାଟ ଦେଇ ଘର ଭିତରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତଦେହ ଝୁଲୁଥିବା ଝରକାରୁ ଦେଖିବା ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୧) ରୁଜୁ ହୋଇଛି।

## ୭୦ ଖଣ୍ଡ ଶାଳ କାଠ ଜବତ

ଭବାନୀପାଟଣା,୨୨।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଭବାନୀପାଟଣା ରେଞ୍ଜରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ ଏକ ବୋଲେରୋ ପିକ୍‌ଅପ୍ (ନଂ.ଓଡି ୦୮କେ-୨୫୨୦) ସହିତ ୭୦ଖଣ୍ଡ ସାଳ ସାଇଜ୍ କାଠ ଜବତ କରାଯାଇଛି। ଡିଏଫ୍‌ଓ ମଳୟ ରଞ୍ଜନ କାଲୋଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର ଏନ୍‌ଆର ମାଝି ଚଢ଼ାଉରେ ସାମିଲଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ

ବେଲପଡା,୨୨।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଲକ୍ଷଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତଥିଭାବେ ପ୍ରଧାନାଚାର୍ଯ୍ୟ ଜଗଦୀଶ ପୁଟେଲ, ମୁଖ୍ୟବକ୍ତା ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଓଡିଆ ବିଭାଗ ଅଧ୍ୟାପକ ମନୋଜ ମହାଖୁଡ ଯୋଗଦେଇ ରକ୍ଷାବନ୍ଧନ ଦିବସର ତାତ୍ପର୍ଯ୍ୟ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଗଙ୍ଗାଧର ଜୟନ୍ତୀ ପାଳିଲା ସାହିତ୍ୟ ସଂସ୍ତୃତି ଅନୁଷ୍ଠାନ

ଟିଟିଲାଗଡ,୨୨।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସରସତୀ ବିଦ୍ୟା ମନ୍ଦିର ପରିସରରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ଼. ଛାୟାକାନ୍ତ ଷଡ଼ଙ୍ଗୀ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ୱାକ୍ତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସମ୍ବଲପୁର ପ୍ରଫେସର ଡକ୍ଟର ବିନୋଦ ବିହାରୀ ଜାଲ ଏବଂ ମୁଖ୍ୟବକ୍ତାଭାବେ ପ୍ରଫେସର ଅଚ୍ୟୁତାନନ୍ଦ ବହିଦାର ଯୋଗଦେଇଥିଲେ। ସ୍ୱଭାବ କବିଙ୍କ ଜୀବନୀ ଓ ତାଙ୍କ ରଚିତ କବିତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଜ୍ୟୋତି ପ୍ରକାଶ ଗଡ଼ତ୍ୟାଙ୍କ ସହ ବୃନ୍ଦାବନ ଷଡଙ୍ଗୀ, ଯୁଗଳ କିଶୋର ଷଡ଼ଙ୍ଗୀ, ପ୍ରମୋଦ କୁମାର ପାଲ, ସେବକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପାଳପୁରରେ ରାମାୟଣ ପାରାୟଣ

ଲୋଇସିଂହା,୨୨।୮(ଡି.ଏନ.ଏ): ଶ୍ରାବଣ ପୂର୍ଣ୍ଣିମା ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମର ବୋଲବମ କମିଟି ଆନୁକୂଲ୍ୟରେ ରାମାୟଣ ପାରାୟଣ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ ରାମାୟଣ ପାରାୟଣ କରିଥିଲେ। ବୀରୁ ସେଠ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ରାମାୟଣ ଶ୍ରବଣ କରିଥିଲେ।

# ଗଙ୍ଗାଧର ଥିଲେ ଅନନ୍ୟ, ଅସାଧାରଣ

### ସ୍ୱଭାବ କବିଙ୍କ ଜୟନ୍ତୀ ସମାରୋହରେ ବକ୍ତାଙ୍କ ମତ

ବଲାଙ୍ଗୀର ଅଫିସ, ୨୨।୮



ଜୟନ୍ତୀ ଅବସରରେ ଅତିଥିମାନେ ଚତୁରଙ୍ଗ ପତ୍ରିକାର ଦ୍ୱିତୀୟ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ପରିସରସ୍ଥ ସଂସ୍କୃତି ଭବନଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ରବିବାର ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱ ତଥା କବି ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାକ୍ରମେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ମୁଖ୍ୟବକ୍ତା ବଲାଙ୍ଗୀର ଆକାଶବାଣୀ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଭାଗିରଥି ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ କୋଶଳ କଳାମଣ୍ଡଳର ମୁଖପତ୍ର ଚତୁରଙ୍ଗର ଦ୍ୱିତୀୟ ସଂଖ୍ୟାକୁ ଲୋକାର୍ପିତ କରାଯାଇଥିଲା। ଉଦ୍‌ଘାଟକଭାବେ ଶିକ୍ଷାବିତ୍ ପ୍ରଫେସର ଡ. ମଧୁସୂଦନ ପତି ଓ ମଞ୍ଚାସୀନ ଅତିଥିମାନେ ଚତୁରଙ୍ଗର ଦ୍ୱିତୀୟ ସଂଖ୍ୟାକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ପ୍ରଫେସର ଡ. ପତି କହିଥିଲେ ଯେ, ସ୍ୱଭାବ କବି ଗଙ୍ଗାଧର ଥିଲେ ଅନନ୍ୟ, ଅସାଧାରଣ ଓ ପୂଜ୍ୟ। ସାହିତ୍ୟ ଓ ସାମାଜିକ ବିଚାର ଦୃଷ୍ଟିରୁ ଗଙ୍ଗାଧର ଏକ ବିଚକ୍ଷଣ ସମନ୍ୱୟର ସମାହାର। ତାଙ୍କ କବିତା ଓ ବ୍ୟକ୍ତିତ୍ୱ ଭିତରେ ପ୍ରଭେଦ ନ ଥିଲା। ସେ ସାଧୁତା ଓ ବିଶ୍ୱସନୀୟତାର ଏକ ପ୍ରତୀକ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ମିଶ୍ର ତାଙ୍କ ବକ୍ତବ୍ୟରେ ଗଙ୍ଗାଧରଙ୍କ କାବ୍ୟ, କବିତାରେ ସାମ୍ପ୍ରତିକ ପ୍ରାସଙ୍ଗିକତା ଉପରେ କହିଥିଲେ। ମୁଖ୍ୟଅତିଥି ଲାଗୁରୀ ଗଙ୍ଗାଧର ଓ ଭୀମ ଭୋଇଙ୍କ ଅସାଧାରଣ କବିତ୍ୱ ଓ ବ୍ୟକ୍ତିତ୍ୱ ଉପରେ କହି ସଂସ୍କୃତି ଭବନଠାରେ ଉଭୟ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦିଗରେ ପ୍ରୟାସ କରାଯିବ ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ କଳାକାର ସତ୍ୟନାରାୟଣ ବେହେରା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା ବକ୍ତବ୍ୟ ରଖି ଗଙ୍ଗାଧରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂସ୍କୃତି ଅଧିକାରୀ ଶତପଥୀ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। କବି ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଗୁରୁଶ୍ରୀ ଘାସିରାମ ମିଶ୍ର, ସନାତନ ଠାକୁର, ନୀଳମଣି ମିଶ୍ର, କସ୍ତୁରୀ ରଥ, ସବିତା ମେହରା, ରବିଶଙ୍କର ପାଣ୍ଡିଆ, ଅଚ୍ୟୁତାନନ୍ଦ ଉଦ୍‌ଗାତା, ପ୍ରଦୀପ ମହାପାତ୍ର, ପ୍ରଦୀପ ମିଶ୍ର, ମଦନ ମୋହନ ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ କୋଶଳ କଳାମଣ୍ଡଳର କାର୍ଯ୍ୟାଳୟ ସହାୟିକା ଆରତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବୟାନର ପ୍ରତିବାଦ, ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର ଅଫିସ,୨୨।୮

୧୯୦୯ ମସିହାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ମଣିଷ ତିଆରି କାରଖାନା ସତ୍ୟବାଦୀ ବନ ବିଦ୍ୟାଳୟକୁ ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରୟୋଗଶାଳା କରିବା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବୟାନର ପ୍ରତିବାଦ କରିଛି ଏଆଇଡିଏସ୍‌ଓ। ଏହାର ପ୍ରତିବାଦରେ ସାରା ଓଡିଶା ସପ୍ତାହବ୍ୟାପୀ ପ୍ରତିବାଦ ଦିବସ ଅବସରରେ ସଂଗଠନର ବଲାଙ୍ଗୀର ଜିଲା କମିଟି ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଜିଲା ସଭାପତି ରାଜେନ୍ଦ୍ର ରଣା, ସମ୍ପାଦକ ମଧୁସୂଦନ ବାଗ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁନୀଲ ଭୋଇ, ବିକାଶ ଜେନା, ଅହଲ୍ୟା ସାହୁ, ଗୌରୀ ରାଉତଙ୍କ ସହ ବହୁ ଛାତ୍ରୀଛାତ୍ର ସାମିଲ ଥିଲେ।

# ଜନଆକ୍ରୋଶ ସମାବେଶରେ ଗର୍ଜିଲା କଂଗ୍ରେସ



ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଜନ ଆକ୍ରୋଶ ସମାବେଶରେ ଉପସ୍ଥିତ ଦଳୀୟ ନେତୃବର୍ଗ।

ବଲାଙ୍ଗୀର ଅଫିସ, ୨୨।୮

କେନ୍ଦ୍ର ରେଳ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜନ ଆଶୀର୍ବାଦ ଯାତ୍ରାରେ ରବିବାର ବଲାଙ୍ଗୀର ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ପୂର୍ବରୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଜନ ଆକ୍ରୋଶ ସମାବେଶର ଡାକରା ଦିଆଯାଇଥିଲା। ଓଡିଶା ରାଜ୍ୟ ତଥା ବିଶେଷ କରି ବଲାଙ୍ଗୀର ଓ ପଶ୍ଚିମ ଓଡିଶାକୁ କେନ୍ଦ୍ର ସରକାର ଓ ରେଳବିଭାଗର ଚରମ ଅବହେଳା ପ୍ରତିବାଦରେ ଏହି ସମାବେଶ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଭାଜପା ଓ ରେଳମନ୍ତ୍ରୀଙ୍କ ଜନ ଆଶୀର୍ବାଦ ଯାତ୍ରା ଓଡିଶାରେ ଜନ ଆକ୍ରୋଶରେ ପରିଣତ ହୋଇଛି ବୋଲି ବକ୍ତାମାନେ କହିଥିଲେ। ଭାଜପା ସରକାରକୁ ୭ ବର୍ଷ ପୂରି ଥିଲେ ବି ଗୋଟିଏ ପ୍ରତିଶ୍ରୁତି ପୂରଣ ହୋଇନାହିଁ। ତୈଳଦର ବୃଦ୍ଧି, କଳା କୃଷି ଆଇନ, ଦରଦାମ ବୃଦ୍ଧି, ଲାଭଜନକ ସରକାରୀ ଉଦ୍ୟୋଗର ଘରୋଇକରଣ, ରୋଜଗାର ସୃଷ୍ଟି କରିବାରେ ସରକାରୀ ବିଫଳତା ଜଳଜଳ ହୋଇ ଦେଖାଯାଉଛି। ସରକାର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ବିଭିନ୍ନ ମନ୍ତ୍ରୀଙ୍କୁ ନେଇ ଜନ ଆଶୀର୍ବାଦ ଯାତ୍ରା କରିବାକୁ ଲୋକେ ବୁଝିଲେଣି। କରୋନା ପରିଚାଳନାରେ ସରକାରଙ୍କ ବିଫଳତା ଯୋଗୁଁ ଦେଶର ଅନେକ ଲୋକ ନିଜର ଆତ୍ମୀୟ ସ୍ୱଜନଙ୍କୁ ହରାଇଛନ୍ତି। ଖଟିଖିଆ ଦିନମଜୁରିଆଙ୍କ ସ୍ଥିତି ସାଂଘାତିକ ହୋଇପଡିଛି। ଲୋକଙ୍କୁ ସମସ୍ୟା ଭିତରକୁ ଠେଲି ଜନ ଆଶୀର୍ବାଦ ଯାତ୍ରା ଲୋଡିଲେ ଲୋକଙ୍କ ଆକ୍ରୋଶର ଶିକାର ହେବା ସ୍ୱାଭାବିକ ବୋଲି କହିଥିଲେ।

କାର୍ଯ୍ୟକ୍ରମକୁ ଜିଲା କଂଗ୍ରେସ କମିଟି ମୁଖପାତ୍ର ସାନନ୍ଦ ମିଶ୍ର ସଂଯୋଜନା କରିଥିଲେ। ସଭାରେ ନଗର ସଭାପତି ବୁଲୁ ଦାନୀ, ପିସିସି ସମ୍ପାଦକ ଉମାଶଙ୍କର ପଣ୍ଡା, ସମ୍ପାଦକ ଅଜୟ ବାଲି, ଜିଲା ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଉମାକାନ୍ତ ସାହୁ, ରାମଜୀ ଚୌଧୁରୀ, ମନମୋହନ ପଟେଲ, ସୋମନାଥ ପଟେଲ, ସେବାଦଳ ମୁଖ୍ୟ ଅସୀତ ମିଶ୍ର ଉପସ୍ଥିତ ଥିଲେ। ବିଳମ୍ବିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ, କଣ୍ଟାବାଞ୍ଜି ୱାଗନ କାରଖାନ, ଟିଟିଲାଗଡ ରେଳ ୱାସିଂ ପ୍ଲାଣ୍ଟ ଉପରେ ସ୍ପଷ୍ଟୀକରଣ ଦେବାକୁ କଂଗ୍ରେସ ତରଫରୁ ରେଳମନ୍ତ୍ରୀଙ୍କୁ ଆହ୍ୱାନ କରାଯାଇଛି।

## ବିଭିନ୍ନ ସଂଗଠନ ପକ୍ଷରୁ ରେଳମନ୍ତ୍ରୀଙ୍କୁ ଦାବପତ୍ର

ଲୋଇସିଂହା,୨୨।୮(ଡି.ଏନ.ଏ)

ଜନ ଅଶୀର୍ବାଦ ଯାତ୍ରା ପାଇଁ ବଲାଙ୍ଗୀର ଜିଲା ଗସ୍ତରେ ଅସିଥିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରବିବାର ଲୋଇସିଂହାର ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଲୋଇସିଂହା ରେଳ ଷ୍ଟେଶନରେ କେତେକ ଏକ୍ସପ୍ରେସ ଟ୍ରେନ ରହଣି ସାଙ୍ଗକୁ ଯାତ୍ରୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଲୋଇସିଂହାରୁ ଆହ୍ଲାବାଦ ପରାଗରାଜକୁ ସିଧାସଳଖ ଟ୍ରେନ ସେବା, ପୁରୀ-ଦୁର୍ଗ, ସମ୍ବଲପୁର-ନାନ୍ଦେଡ, ସମ୍ବଲେଶ୍ୱରୀ ଏକ୍ସପ୍ରେସର ରହଣି ଦାବି କରିଛି ବିଶ୍ୱକଲ୍ୟାଣ ନାଗରିକ କମିଟି। ସିନିୟର ସିଟିଜେନ ଆସେମ୍ଲି ପକ୍ଷରୁ ପ୍ରଦତ୍ତ ୪ ଦଫା ଦାବିପତ୍ରରେ ବସ୍ତି ଅଣ୍ଡର ଗ୍ରାଉଣ୍ଡ ବ୍ରିଜ ସଂଲଗ୍ନ ଷ୍ଟେଶନକୁ ଲିଙ୍କରୋଡ ପାଇଁ ଦାବି କରାଯାଇଛି। ଷ୍ଟେଶନରେ ଯାତ୍ରୀଙ୍କ ପାଇଁ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ଓ ପୁରୀ-ଦୁର୍ଗ ଇଣ୍ଟରସିଟି ଓ ହାୱଡା-ଜବଲପୁର ଏକ୍ସପ୍ରେସ ରହଣି ଦାବି କରାଯାଇଛି। ଲୋଇସିଂହାରୁ ଆହ୍ଲାବାଦ ଓ ଦିଲ୍ଲୀକୁ ସିଧାସଳଖ ଟ୍ରେନ ଚଳାଇବାକୁ ଦାବି କରାଯାଇଛି। ସେହିପରି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ମଧ୍ୟ ଦାବିପତ୍ର ଦିଆଯାଇଛି।

## ରେଳମନ୍ତ୍ରୀଙ୍କୁ ବିଭିନ୍ନ ସଂଘ ପକ୍ଷରୁ ଦାବିପତ୍ର



ସଭାରେ ଉପସ୍ଥିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଏମ୍‌ପି ବସନ୍ତ ପଣ୍ଡା ଏବଂ ଅନ୍ୟମାନେ।

କେସିଙ୍ଗା,୨୨।୮(ଡି.ଏନ.ଏ.)

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଳାହାଣ୍ଡି ଜିଲା ଗସ୍ତରେ ଆସି ରବିବାର କେସିଙ୍ଗାରେ ପହଞ୍ଚିଛନ୍ତି। ମନ୍ତ୍ରୀଙ୍କ ସହିତ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଅମ୍ବାଜି ମନ୍ଦିର ସଭା ଗୃହରେ ଆୟୋଜିତ ବୁଦ୍ଧିଜୀବୀଙ୍କ ସଭାରେ ଉଭୟେ ଯୋଗଦେଇଥିଲେ। ଜିଲାର ବିଭିନ୍ନ ରେଳ ଷ୍ଟେଶନରେ ଥିବା ସମସ୍ୟା ଆଗାମୀ ଦିନରେ ଦୂର କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ କେସିଙ୍ଗା ପ୍ରେସ କ୍ଲବ କେସିଙ୍ଗା ରେଲୱେ ଷ୍ଟେଶନର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ରେଳଯାତ୍ରୀ ସଂଘ ସଭାପତି ଡମ୍ବରୁଧର ଭୋଇ, ଉପସଭାପତି ତୁମେଶ୍ୱର ସାହୁ, ସାଧାରଣ ସମ୍ପାଦକ ବିନୋଦ ଜୈନ, ଯୁଗ୍ମ ସମ୍ପାଦକ ମନୋଜ କୁମାର ସିଂ ପକ୍ଷରୁ ମଧ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କେସିଙ୍ଗା ରେଲୱେ ଷ୍ଟେଶନ କୁଲି ସଂଘ, କେସିଙ୍ଗା ପ୍ରେସ କ୍ଲବ ଓ ସହର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ମିଡିଆ ସେଲ ପ୍ରିତେଶ ପଟେଲ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିଲେ। କେସିଙ୍ଗା ଟାଉନ ସଭାପତି ପ୍ରଶାନ୍ତ ବାନାର୍ଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଞ୍ଚ ପରିଚାଳନା କରିଥିଲେ ମଗନ ସିନ୍ଦୂର। ଧନ୍ୟବାଦ ଅର୍ପଣ କରିଥିଲେ ସନ୍ତୋଷ ଦାଶ। ଏହା ପୂର୍ବରୁ ମନ୍ତ୍ରୀ ଭବାନୀପାଟଣା ମାଣିକେଶ୍ୱରୀ ମନ୍ଦିର ଦର୍ଶନ କରି କେସିଙ୍ଗା ଅଭିମୁଖେ ବାହାରିଥିଲେ। ରାସ୍ତାରେ ତେନ୍ତୁଲିଖୁଣ୍ଟି, ପାଷ୍ଟିକୁଡ଼ି, ଉତ୍କେଲା, ବୋରିଆ, ଗାଇଗାଁ ଅଭିମୁଖେ ଯାତ୍ରା କରିଥିଲେ। ସ୍ଥାନେ ସ୍ଥାନେ ମନ୍ତ୍ରୀଙ୍କୁ ଦଳୀୟ କର୍ମୀ ଓ ଜନସାଧାରଣ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ନିକଟରେ ଥିବା ଆମ୍ବଜୀ ମନ୍ଦିର ପରିଦର୍ଶନ କରିଥିଲେ। ଏହା ପରେ ଟିଟିଲାଗଡ ଅଭିମୁଖେ ଯାତ୍ରା କରିଥିଲେ।

# ଅଲେଖ ମହିମା ଧର୍ମାବଲମ୍ବୀଙ୍କ ନିଆରା ନୂଆଁଖାଇ

ଖଡିଆଳ,୨୨।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ତୁକଳା ଅଲେଖ ବାବା ମଠରେ ଅଲେଖ ମହିମା ଧର୍ମାବଲମ୍ବୀ ସାଧୁସନ୍ଥମାନେ ରବିବାର ନୂଆଁଖାଇ ପାଳନ କରିଛନ୍ତି। ଏହି ପର୍ବ ଭାଦ୍ରବ ମାସ ପଞ୍ଚମୀ ତିଥିରେ ପଶ୍ଚିମ ଓଡିଶାବାସୀ ନୂଆଁଅନ୍ନ ଖାଇଥାନ୍ତି। ତାହାକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ବୋଲି କୁହାଯାଏ। ହେଲେ ଏହି ଅଞ୍ଚଳର ଅଲେଖ ଧର୍ମାବଲମ୍ବୀମାନେ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ନୂଆଁଖାଇ ପାଳନ କରିଥାନ୍ତି। ଲଛମନ ଦାଶ ବାବାଙ୍କ ନେତୃତ୍ୱରେ ଆଖପାଖର ଅନେକ ସାଧୁସନ୍ଥମାନେ ଏକତ୍ରିତ ହୋଇ ଆଗତୁରା ନୂଆଁଅନ୍ନ ଖାଇଛନ୍ତି। ଜିଲା ତଥା ରାଜ୍ୟ ବାହାରୁ ମଧ ଅଲେଖ ମହିମା ସାଧୁସନ୍ଥମାନେ ଖଡିଆଳ ବ୍ଲକ ତୁକୁଲାଠାରେ ଥିବା ଅଲେଖ ବାବା ମଠ, ସିନାପାଲି ବ୍ଲକ ସର୍ଦାପୁର ବାବା ମଠ, ରାଣୀପୁର ମଠରେ ନୂଆଁଅନ୍ନ ଖାଇଛନ୍ତି। ପ୍ରଥମେ ଅଲେଖ ଗୋସାଇଁଙ୍କୁ ନବାନ୍ନ ଦେବା ପରେ ସାଧୁସନ୍ଥମାନେ ମିଳିତ ଭାବେ ନୂଆଁଅନ୍ନ ଭକ୍ଷଣ କରିଥିଲେ। ଏହାପରେ ସାଧୁସନ୍ଥମାନେ କରୋନାରୁ ସମସ୍ତଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଅଲେଖ ମହିମାଙ୍କୁ ସାମୁହିକ ପ୍ରାର୍ଥନା କରି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ବାବା ଲଛମନ ଦାଶଙ୍କ ସମେତ ମନୋରଞ୍ଜନ ବାବା, ରୋମାଞ୍ଚଳ ବାବା ଓ ପୂର୍ବତନ ଖଡିଆଳ ଏନଏସି ଚ୍ୟାରମେନ୍ ନିମାଇଁ ଚରଣ ତାଣ୍ଡି ଓ ଅନେକ ସାଧୁସନ୍ଥମାନେ ଉପସ୍ଥିତ ଥିଲେ।



ଅଲେଖ ଧର୍ମାବଲମ୍ବୀମାନେ ନବାନ୍ନ ଭକ୍ଷଣ କରୁଛନ୍ତି।

# ଆସନ୍ତା ୬ ମାସ ଭିତରେ ରିପୋର୍ଟ କାର୍ଡ ଦେବି

ବଲାଙ୍ଗୀର ଅଫିସ, ୨୨।୮




ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବଲାଙ୍ଗୀର ସର୍କିଟ ହାଉସଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

### ବଲାଙ୍ଗୀର ଜିଲା ବୁଲିଲେ ରେଳମନ୍ତ୍ରୀ

- ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପକୁ ନେଇ ପ୍ରତିକ୍ରିୟା ରଖିଲେ

ରେଳ, ସଞ୍ଚାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜନ ଆଶୀର୍ବାଦ ଯାତ୍ରାରେ ରବିବାର ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ଟିଟିଲାଗଡରୁ କଣ୍ଟାବାଞ୍ଜି, ପାଟଣାଗଡ ଦେଇ ସେ ବଲାଙ୍ଗୀର ପହଞ୍ଚିବା ପରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଜନ ଆଶୀର୍ବାଦ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ଅଳ୍ପ ସମୟ ହେଲା ମନ୍ତ୍ରୀ ହୋଇଛି। ବିଶେଷ ଅଭିଜ୍ଞତା ହୋଇନାହିଁ। ଲୋକଙ୍କଠାରୁ ଅନେକ ଦାବି ପାଇଛି। ଦିଲ୍ଲୀ ଗଲା ପରେ ଏସବୁର ଅନୁସନ୍ଧାନ କରିବି ଓ ଶୀଘ୍ର ନିର୍ଣ୍ଣୟ ନେବି ବୋଲି କହିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ଉପରେ କିଲୋମିଟର ପିଛା ସମୀକ୍ଷା କରିଛି। ୧୦୩କିମି ଜଙ୍ଗଲ ଜମି ବିଭାଗ ଅନୁମତି ସମସ୍ୟା ରହିଛି। ଜଙ୍ଗଲ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କୁ ବିଶେଷ ଅନୁରୋଧ କରିଛି ଯେ, ଜଙ୍ଗଲ ଜମି ଅନୁମତି ସମ୍ପର୍କରେ ଯାହାବି ସମସ୍ୟା ରହିଛି ସେ ସମ୍ପର୍କରେ କେନ୍ଦ୍ରକୁ ପ୍ରସ୍ତାବ ପଠାନ୍ତୁ। ଦିଲ୍ଲୀର ଉକ୍ତ ପ୍ରକଳ୍ପର ଅନୁମୋଦନ ଦାୟିତ୍ୱ ତାଙ୍କର ବୋଲି ସେ କହିଥିଲେ। ସମସ୍ତେ ମିଶି ପ୍ରୟାସ କଲେ ଏହି ପ୍ରକଳ୍ପକୁ ଖୁବ୍‌ଶୀଘ୍ର ଗତିଶୀଳ ଓ ସମାପ୍ତ କରାଯାଇପାରିବ ବୋଲି କହିଥିଲେ।

ଗଣମାଧ୍ୟମ ପ୍ରତିନିଧିମାନେ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ କେବେ ସରିବ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନ ଉପରେ ମନ୍ତ୍ରୀ ବୈଷ୍ଣବ କିନ୍ତୁ କିଛି ବି ସ୍ପଷ୍ଟ ଉତ୍ତର ରଖି ନ ଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ରାଜିନାମା ଅବଧି ସରିଯାଇଥିବା ଉପରେ ପ୍ରଶ୍ନ କରିବାରୁ ଏହି ପ୍ରକଳ୍ପ ଓଡିଶା ଏବଂ ଦେଶ ପାଇଁ ଏକ ମହତ୍ୱପୂର୍ଣ୍ଣ ପ୍ରକଳ୍ପ। ଏହାପାଇଁ ଯାହା କାମ ଦରକାର ପଡିବ କରିବା ବୋଲି କହିଥିଲେ। ଆସନ୍ତା ୬ ମାସ ଭିତରେ ଆସି ସେ ରିପୋର୍ଟ କାର୍ଡ ଦେବେ ବୋଲି କହିଥିଲେ। ରାଜ୍ୟ ସରକାର ଯେତେଶୀଘ୍ର ଜମି ଦେବେ ପ୍ରକଳ୍ପ ଆଗେଇବ କହିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ଉପରେ ପ୍ରତିଦିନ୍, ପ୍ରତି ସପ୍ତାହ କାମ ହେବ। ଯାହା ଦରକାର ପଡିବ ସବୁ ଯୋଗାଇ ଦେବୁ ଓ ସମସ୍ତଙ୍କ ସହଯୋଗ ମାଗିବୁ ବୋଲି କହିଥିଲେ। ପଶ୍ଚିମ ଓଡିଶାରେ ଆଇଟି ହବ୍ କରାଯିବାକୁ ଖବରଦାତାମାନେ ପ୍ରଶ୍ନ କରିବାରୁ ଆଇଟି ହବ୍ ପାଇଁ ବହୁତ୍ ପ୍ରୟାସ କରିବାକୁ ପଡେ କହି ବାଙ୍ଗାଲୋରର ଉଦାହାରଣ ଦେଇଥିଲେ। କଣ୍ଟାବାଞ୍ଜି ରେଳ ପ୍ରକଳ୍ପ ଉପରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କହିଛନ୍ତି। ଏହାସହିତ୍ ପ୍ରାୟ ୨୫/୩୦ଟି ବଡ ପ୍ରକଳ୍ପ ସମ୍ପର୍କରେ ଲୋକଙ୍କଠାରୁ ଦାବିପତ୍ର ପାଇଛୁଁ। ସେ ଉପରେ ଯାହା ସବୁ ଉଚିତ୍ ସେ ଉପରେ ନିହାତି ପଦକ୍ଷେପ ନେବୁ ବୋଲି କହିଥିଲେ। ଟିଟିଲାଗଡ, କଣ୍ଟାବାଞ୍ଜି ଓ ପାଟଣାଗଡଠାରେ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଏମ୍‌ପି ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦାବିପତ୍ର ଦେବାକୁ ଠେଲାପେଲା

ବଲାଙ୍ଗୀର ଅଫିସ, ୨୨।୮

କେନ୍ଦ୍ର ରେଳ, ସଞ୍ଚାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜନ ଆଶୀର୍ବାଦ ଯାତ୍ରାରେ ରବିବାର ସନ୍ଧ୍ୟାରେ ବଲାଙ୍ଗୀର ସର୍କିଟ ହାଉସଠାରେ ପହଞ୍ଚିଥିଲେ। ସେଠାରେ ଖବରଦାତା ସମ୍ମିଳନୀ ପରେ ବିଭିନ୍ନ ସ୍ଥାନ ଓ ସଙ୍ଗଠନରୁ ଆସିଥିବା ପ୍ରତିନିଧିମାନେ ମନ୍ତ୍ରୀଙ୍କୁ ଦାବିପତ୍ର ଦେବାବେଳେ ଠେଲାପେଲା, ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଓ ଲୋକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ମନ୍ତ୍ରୀଙ୍କୁ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଭେଟି ପାରି ନ ଥିଲେ। ଶେଷରେ ସର୍କିଟ ହାଉସ ବାହାରେ ମନ୍ତ୍ରୀ ଠିଆ ହୋଇ ଲମ୍ବାଲାଇନ୍‌ରେ ଲୋକଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ବଲାଙ୍ଗୀର, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ ଜିଲାର ଲୋକେ ଦାବିପତ୍ର ଦେବାକୁ ଆସିଥିଲେ। ବହୁ ଲୋକ ମନ୍ତ୍ରୀଙ୍କୁ ଭେଟି ନପାରି ନିରାଶ ହୋଇ ଫେରିଥିଲେ। ଭିଡ ଯୋଗୁଁ କୋଭିଡ ଗାଇଡଲାଇନ୍ ମଧ ଉଲ୍ଲଂଘନ ହୋଇଯାଇଥିଲା।

## ନିଖିଳ ଉତ୍କଳ ବାରିକ ସଂଘ ସାଧାରଣ ବୈଠକ

ଭବାନୀପାଟଣା,୨୨।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ନିଖିଳ ଉତ୍କଳ ବାରିକ ସମିତି ଶାଖାର ଏକ ବୈଠକ ପୁରୁଣାପଡା କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ କମ୍ପୁପାଣି ପରିଛା ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ସୁରୁ ବାରିକ, ଉପସଭାପତି ଗୋପାଳଚନ୍ଦ୍ର ବାରିକ ପ୍ରମୁଖ ସଂଘର ସଙ୍ଗଠନକୁ ସୁଦୃଢ କରିବା ପାଇଁ ମତ ଦେଇଥିଲେ। କମିଟି ଆହ୍ୱାନକ୍ରମେ ସଂଘର ଗୃହ ନିର୍ମାନ ପାଇଁ ୧ ଲକ୍ଷ ୧୬ ହଜାର ୬୭୭ ଟଙ୍କା ଆଦାୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ବିଭିନ୍ନ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଆମ୍ବୁଲାନ୍ସ ପ୍ରଦାନ

ଭବାନୀପାଟଣା,୨୨।୮(ଡି.ଏନ.ଏ.)

ପାୱାର ଗ୍ରୀଡ୍ ପକ୍ଷରୁ କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ପାୱାର ଗ୍ରୀଡ୍ କାର୍ଯ୍ୟପାଳକ ନିର୍ଦ୍ଦେଶକ ଆଲୋକ, ବରିଷ୍ଠ ମହାପ୍ରବନ୍ଧକ ଡିଏନ୍ ଷଡଙ୍ଗୀ, ଡିଜିଏମ୍ ଅଜିତ ପରିଡା ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରତାପ ବେହେରାଙ୍କୁ ଆମ୍ବୁଲାନ୍ସ ପ୍ରଦାନ କରିଥିଲେ।

**ଗହ୍ମା ଡିଆଁ ପର୍ବ: ଏକ ଅନନ୍ୟ ପରମ୍ପରା**

ବାଉଁଶୁଣୀ,(ଡି.ଏନ.ଏ.): ଶ୍ରାବଣ ପୂର୍ଣ୍ଣିମାର ପବିତ୍ର ରକ୍ଷାବନ୍ଧନ ଅବସରରେ ବୌଦ୍ଧ ଜିଲାର ଗ୍ରାମାଞ୍ଚଳରେ ଆୟୋଜିତ ହୋଇଥାଏ ଗହ୍ମା ପର୍ବ। ଆଜି ବି ଏହି ଜିଲାର ଗ୍ରାମାଞ୍ଚଳରେ ବଞ୍ଚି ରହିଛି କେଉଁଠି କେଉଁଠି ଗହ୍ମା ଡିଆଁ ପରମ୍ପରା। ଏହା କ୍ରମଶଃ ଲୋପ ପାଇ ଯାଉଥିବା ବେଳେ ବୌଦ୍ଧ ଜିଲା ବାଉଁଶୁଣୀ ବଉଦିଆପଡ଼ାରେ ଦୀର୍ଘ ବର୍ଷ ହେଲା ଗ୍ରାମର ଛୋଟ ଛୋଟ ପିଲା ଏହି ଅନନ୍ୟ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଭଉଣୀ ହାତରୁ ରକ୍ଷା କବଚ ରାଖୀ ବାନ୍ଧି ସାରିବା ପରେ ତିଆରି କରିଥିବା ଗହ୍ମାକୁ ପୂଜା କରି ତା ଉପରେ ଡିଆଁ ମାରିଥାନ୍ତି। ଏହି ନିଆରା ପରମ୍ପରାକୁ ଦେଖିବା ପାଇଁ ଗ୍ରାମର ବହୁ ଲୋକ ରୁଣ୍ଡ ହୋଇଥାନ୍ତି।

## ସଂକ୍ଷେପରେ

### ଦଧିବାମନଙ୍କ ଭକ୍ତ ପରମାନନ୍ଦ ବେଶ



ଭଟଲି,୨୨।୮(ଡି.ଏନ.ଏ) : ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲିର ଶ୍ରୀ ଶ୍ରୀ ଦଧିବାମନ ମନ୍ଦିରରେ ରବିବାର ମହାପ୍ରଭୁ ଦଧିବାମନ ଭକ୍ତଙ୍କୁ ପରମାନନ୍ଦ ବେଶରେ ଦର୍ଶନ ଦେଇଛନ୍ତି। ପବିତ୍ର ଗହ୍ମା ପୂର୍ଣ୍ଣିମା ଅବସରରେ ପରମାନନ୍ଦ ଚାଷୀ ବେଶରେ ଦଧିବାମନ ନିଜର ଭକ୍ତଙ୍କୁ ଦର୍ଶନ ଦେଉଥିବା ପରମ୍ପରା ରହିଛି। ଏହି ଦର୍ଶନ କୋଭିଡ୍ କଟକଣା ମଧ୍ୟରେ ହୋଇଥିଲା। ମହାପ୍ରଭୁଙ୍କୁ ରୂପାରେ ନିର୍ମିତ କୋଦାଳ, ବାଡ଼ି, କଠଉ, ପାଦ, ପଗଡ଼ି ଆଦି ଆଭୂଷଣରେ ସଜ୍ଜିତ କରାଯାଇଥିଲା। ସମସ୍ତ ପୂଜାନୀତି ସମାପନ ପରେ ମହାପ୍ରଭୁଙ୍କ ଏହି ବେଶ କରାଯାଇଥିଲା ।

### ବାଲି ଚୋରାଚାଲାଣ, ୪୦ ହଜାର ଜରିମାନା

ଅତାବିରା,୨୨।୮(ଡି.ଏନ.ଏ): ଅତାବିରା ତହସିଲ ଅଧୀନ ଝଙ୍କାବାହାଲ, ପୋଡବାଡି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ବାଲି ଚୋରାଚାଲାଣ ଉପରେ ଧରପଗଡ ଆରମ୍ଭ ହୋଇଛି । ଏହି କ୍ରମରେ ଶନିବାର ରାତିରେ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇ ତହସିଲ ଛକରେ ଏକ ବାଲି ବୋଝେଇ ହାଇୱା (ନଂ.ଓଆର୨୩ଇ/୩୯୦୦)କୁ ଜବତ କରି ଥାନା ଜିମା ଦେଇଥିଲେ। ସେଠାରେ ପୋଲିସର ଉପସ୍ଥିତିରେ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ଭୋଇଙ୍କୁ କହିଛନ୍ତି।

### ରକ୍ତ ପାଇଁ ସମଲେଇଙ୍କ ଶରଣ



ବରଗଡ଼ ଅଫିସ୍,୨୨।୮: ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶିଶୁପୁତ୍ର ଜନ୍ମ ଦେଇଥିବା ଅମ୍ବାଭୋନା ବ୍ଲକ ଚିଚଲି ଅଞ୍ଚଳର ଜଣେ ମହିଳାଙ୍କ ପାଇଁ ଆବଶ୍ୟକ ରକ୍ତ ଯୋଗାଡ଼ ସକାଶେ ରବିବାର ତାଙ୍କ ସ୍ୱାମୀ ମାଁ ସମଲେଶ୍ୱରୀଙ୍କ ଶରଣ ପଶିଥିଲେ। ତେବେ ଏହାର କିଛି ସମୟ ପରେ ଜଣେ ରକ୍ତଦାତା ପହଞ୍ଚି ରକ୍ତଦାନ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସନ୍ତାନ ପ୍ରସବ ପରେ ଚିଚଲି ଅଞ୍ଚଳର ଭୁବନେଶ୍ୱରୀ ସୁନାଙ୍କୁ ୩ ୟୁନିଟ୍ ରକ୍ତ ଦରକାର ବୋଲି ଡାକ୍ତର କହିଥିଲେ। ତେବେ ତାଙ୍କ ରକ୍ତ ଗ୍ରୁପ୍ ଏ ନେଗେଟିଭ୍ ହୋଇଥିବାବେଳେ ଏହି ଗ୍ରୁପ୍‌ର ରକ୍ତ ବିରଳ ଅଟେ। ରକ୍ତ ଭଣ୍ଡାରରେ ମଧ୍ୟ ଏହା ଉପଲବ୍ଧ ନ ଥିଲା। ମହିଳାଙ୍କ ସ୍ୱାମୀ ଜନ୍ମେଜୟ ବହୁ ଲୋକଙ୍କୁ ଯୋଗାଯୋଗ କରିବା ସତ୍ତ୍ୱେ ତାହା ମିଳି ନ ଥିଲା। ଫଳରେ ସେ ହତାଶ ହୋଇ ସିଧାସଳଖ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ପ୍ରଣିପାତ ହୋଇ ଆବଶ୍ୟକ ରକ୍ତ ସକାଶେ ଗୁହାରି କରିଥିଲେ। ଏଭଳି ଖବର ପାଇବା କ୍ଷଣି ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧ ବାସିନ୍ଦା ପ୍ରମୋଦ ସେଠ ବରଗଡ଼ ରକ୍ତଭଣ୍ଡାରକୁ ପହଞ୍ଚି ଆବଶ୍ୟକ ରକ୍ତଦାନ କରିଥିଲେ।

# ଗଙ୍ଗାଧର ଭାଷା ସାହିତ୍ୟର ସଙ୍ଗମ ସେତୁ

ବରଗଡ଼ ଅଫିସ୍/ବରପାଲି/ ବିଜେପୁର,୨୨।୮

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରବିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। କବିଙ୍କ ଜନ୍ମମାଟି ବରପାଲିରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାମାପଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବରପାଲି କଲେଜରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅଶୋକ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ବାଳକିଶୋର ଖାଡ଼ାଙ୍ଗା ସ୍ୱାଗତ ଭାଷଣ ଦେଇଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କବିଙ୍କ କାବ୍ୟକୃତି ଉପରେ ଗବେଷଣାତ୍ମକ କାର୍ଯ୍ୟକ୍ରମ ଆୟୋଜନ ଉଦ୍ୟମ ହେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ । ପ୍ରଫେସର ଡଃ ରଘୁନାଥ ମେହେର, ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ଅଧ୍ୟାପକ ପ୍ରଦୀପ ହୋତା ପ୍ରମୁଖ ଯୋଗଦେଇ ଗଙ୍ଗାଧର କାବ୍ୟରେ ଗଙ୍ଗାଧରଙ୍କ ବିଚାରଧାରା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଉତ୍ତର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ସହର ଗାନ୍ଧୀଛକ ସ୍ଥିତ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ମୋନିଷା ବାନାର୍ଜୀ ମାଲ୍ୟାର୍ପଣ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଗଙ୍ଗାଧର ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ବିଜେପୁରରେ ଡା. ଶୁଭେନ୍ଦୁ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ କବିଙ୍କ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସଭାପତି ମୋହନ ସିଂ କନ୍ହେଇଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟବକ୍ତା, ଜନାର୍ଦ୍ଦନ ପାଣିଗ୍ରାହୀ, ବଳଭଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ବାଦଳ ମେହେର ପ୍ରାରମ୍ଭିକ ସଙ୍ଗୀତ, ସମ୍ପାଦକ ରାଜେଶ୍ୱର ବେହେରା ପରିଚୟ ପ୍ରଦାନ ଏବଂ କବି ଦିଲେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଖଗେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ମଧ୍ୟ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଥିଲା। ଉକିଆ ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ । ଔପନ୍ୟାସିକ ଧନପତି ମହାପାତ୍ର ମୁଖ୍ୟଅତିଥି, ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା, କଥାକାର ନରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କୁ ଭାଷା ସାହିତ୍ୟର ସଂଗମ ସେତୁ ବୋଲି ଅଭିହିତ କରିଥିଲେ। ତେଜରୁ ବାରିକ ସ୍ୱାଗତ ଭାଷଣ, ଉମେଶ ପ୍ରଧାନ ବିବରଣୀ ପାଠ କରିଥିଲେ । ବିନୋଦ ବୈକାର ପରିଚୟ ପ୍ରଦାନ ଏବଂ ରୋହିତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଜିଲା ଲେଖିକା ପରିଷଦ ପକ୍ଷରୁ ଅଗ୍ରଗାମୀ ଯୁବକ ସଂଘ ପରିସରରେ କବିଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଉପସଭାପତି ଅନସୂୟା ଦେବତାଙ୍କ ଅଧ୍ୟକ୍ଷତାରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ, ଅଗ୍ରଗାମୀ ଯୁବକ ସଂଘ ସମ୍ପାଦକ ବିଶ୍ୱଜିତ ମିଶ୍ର, ଆଇନ କଲେଜର ପୂର୍ବତନ ଅଧ୍ୟକ୍ଷ ରବିନ୍ଦ୍ର ପଣ୍ଡା, ଯଦୁନନ୍ଦନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦିକା ଜୟଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୁମୁଦିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଭାପତି ଅମରେନ୍ଦ୍ର ନାରାୟଣ ଯାଦବଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଅଧ୍ୟାପିକା ଡଃ ଭଗବତୀ କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିରେନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ କଣ୍ଠଶିଳ୍ପୀ ଗୋପାଳ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଶିଶୁ ସାହିତ୍ୟିକ ରବି ନାରାୟଣ ସାହୁ ମୁଖ୍ୟ ଅତିଥି, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ସୁଶୀଲ ଠାକୁର ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଶିକ୍ଷା ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ଅମୃତା ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଖୁଣ୍ଟପାଲି ଗଙ୍ଗାଧର ମେହେର ସରକାରୀ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ।

### ଜୟନ୍ତୀ ସମାରୋହରେ ମତପ୍ରକାଶ

# ଗଙ୍ଗାଧରଙ୍କ ଲେଖନୀ ଓଡ଼ିଆ ଜାତିର ଟେକ ରଖିଛି


କବି ଆର୍ତ୍ତତ୍ରାଣ ବାବୁଙ୍କ କାବ୍ୟଗ୍ରନ୍ଥ ରଷି କବି ଗଙ୍ଗାଧରକୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି।

ସୋନପୁର,୨୨।୮(ନି.ପ୍ର.)

ମହାନଦୀ ସାହିତ୍ୟ ସଂସଦ ଓ ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ସ୍ୱଭାବ କବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡିଆରଡିଏ ସଭାଗୃହରେ ଅନୁଷ୍ଠିତ ସମାରୋହରେ ଏସ୍‌ପି ସୀତାରାମ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଙ୍ଗାଧରଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଡ. ମନୋଜ କୁମାର ପଣ୍ଡା, ସମ୍ମାନିତ ବକ୍ତା ଅଧ୍ୟାପକ ଅଖିଳ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଡ. ଦେବାଶିଷ ପାଣ୍ଡିଆ ଓ କବି ଆର୍ତ୍ତତ୍ରାଣ ବାବୁ ମଞ୍ଚାସୀନ ଥିଲେ। ଗଙ୍ଗାଧରଙ୍କ ଲେଖନୀରୁ ନିସୃତ କବିତା ଆଜି ସାରା ଓଡ଼ିଆ ଜାତିର ଟେକ ରଖିଛି ବୋଲି ଅତିଥିମାନେ ମତ ରଖିଥିଲେ। ଗଙ୍ଗାଧର ମେହେର ଜଣେ ଅଦ୍ୱିତୀୟ ସାହିତ୍ୟ ସାଧକ ଥିଲେ ବୋଲି ଆଲୋଚନା ହୋଇଥିଲା। କବି ଆର୍ତ୍ତତ୍ରାଣ ବାବୁଙ୍କ ଦ୍ୱାରା ଲିଖିତ ରଷୀକବି ଗଙ୍ଗାଧର ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନ ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକ ସଭା ପରିଚାଳନା କରିଥିଲେ। ଅଧାପକ ଡ. ସୌରଭ ରଞ୍ଜନ ଖମାରୀ ସ୍ୱାଗତ ଭାଷଣ, ଡ. ପୁରୁଷୋତ୍ତମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ପ୍ରଦ୍ୟୁମ୍ନ ସାହୁ, ଅମ୍ବୁଜ ବିହାରୀ ଶତପଥୀ, ଅଦ୍ୱୈତ ପଣ୍ଡା, କ୍ଷୀରୋଦ ବିହାରୀ ବିଶ୍ୱାଳ ଓ ବେଣୁଧର ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ସାଗରପାଲିରେ ଗଙ୍ଗାଧର ମେହେର ସ୍ମୃତି କମିଟି ପକ୍ଷରୁ ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ ହୋଇଥିଲା। ରାଜେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟ ସାଧନା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ସ୍ୱପ୍ନାରାଣୀ ମହାପାତ୍ର କବିଙ୍କ ରଚିତ ନାରୀ ଚରିତ୍ର ଓ ଆଧୁନିକ ନାରୀ ସହିତ ଏକ ତୁଳନାତ୍ମକ ଆଲୋଚନା କରିଥିଲେ। କବି ବନବାସ ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରକୃତିକୁ ନେଇ ଗଙ୍ଗାଧରଙ୍କ ରଚନା ସମ୍ପର୍କରେ ଆଲୋକପାତ କରିଥିଲେ। କମିଟି ସମ୍ପାଦକ ତାରାକାନ୍ତ ମେହେର ମଞ୍ଚାସୀନ ଥିଲେ।

# ପାତାଳି ଶ୍ରୀକ୍ଷେତ୍ରରେ ବଳରାମ ଜନ୍ମ


ପାତାଳି ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ବଳରାମ ଜନ୍ମ ଓ ରକ୍ଷା ବନ୍ଧନ ଉତ୍ସବ।

ସୋନପୁର,୨୨।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ପାତାଳି ଶ୍ରୀକ୍ଷେତ୍ରରେ ବଳରାମ ଜନ୍ମ ଓ ରକ୍ଷା ବନ୍ଧନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଶ୍ରାବଣ ପୂର୍ଣ୍ଣିମା ବଳରାମ ଜନ୍ମ ଅବସରରେ ବଳଭଦ୍ରଙ୍କ ପାଇଁ ରୀତିନୀତି ଅନୁଯାୟୀ ସ୍ୱତନ୍ତ୍ର ପୂଜା, ଖେଚୁଡ଼ି ଭୋଗ ଓ କ୍ଷୀରି ଭୋଗ ହୋଇଥିଲା। ସେହିପରି ଭଉଣୀ ସୁଭଦ୍ରାଙ୍କ ତରଫରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ରଙ୍କୁ ରକ୍ଷା ବନ୍ଧନ କରାଯାଇଥିଲା। ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଥିଲେ। ଲୋକନାଥ ବାବା ବୋଲବମ କମିଟି ପକ୍ଷରୁ ଅନ୍ନଛତ୍ର ଖୋଲା ଯାଇଥିଲା। ପାତାଳି ସେନା ଦ୍ୱାରା ଶାନ୍ତି ଶୃଙ୍ଖଳା ଓ ମହାପ୍ରଭୁଙ୍କୁ ସୁଚାରୁ ଦର୍ଶନ ବ୍ୟବସ୍ଥା ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ପାଢୀ ଓ ନଳିନୀକାନ୍ତ ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

**ଶିମିଳିପଦର ଗ୍ରାମ ପଞ୍ଚାୟତ**

- ଉପଜିଲାପାଳଙ୍କୁ ଜଣାଇଲେ ୱାର୍ଡ଼ ସଭ୍ୟାସଭ୍ୟ

ବାଉଁଶୁଣୀ,୨୨।୮(ଡି,ଏନ ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶିମିଳିପଦର ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୧୩ ଜଣ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି । ଶନିବାର ୱାର୍ଡ ସଭ୍ୟାସଭ୍ୟମାନେ ଉପଜିଲାପାଳ ଅଶ୍ୱିନୀ କୁମାର ମେହେରଙ୍କୁ ସାକ୍ଷାତ କରି ଏ ନେଇ ଲିଖିତ ଭାବେ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ଅନିୟମିତତା ଓ ଅର୍ଥ ତୋଷରପାତ ଭଳି ସଙ୍ଗୀନ ଅଭିଯୋଗ ଆଣି କଣ୍ଟାମାଳ ବିଡିଓଙ୍କ ନିକଟରେ ୱାର୍ଡ ସଭ୍ୟାସଭ୍ୟମାନେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ପ୍ରକଳ୍ପ ଚୟନ ମନମୁଖୀ କରାଯିବା, ନିର୍ବାଚିତ ସଭ୍ୟମାନଙ୍କୁ ଗୁରୁତ୍ୱ ନ ଦେବା, ଦୁଇଟି ଗ୍ରାମରେ ନିମ୍ନମାନର କାର୍ଯ୍ୟ କରି ସରକାରୀ ଅନୁଦାନର ଆତ୍ମସାତ କରିବା, ଗତ ୯ ମାସ ଧରି ଗ୍ରାମ ପଞ୍ଚାୟତ ବୈଠକ ନ କରିବା, ଫେରିଘାଟ ଓ ଚାଉଳ ବଣ୍ଟନରେ ଅନିୟମିତତା ଏବଂ ଦୁଇବର୍ଷର ହିସାବ ନ ଦେବା ଆଦି ପ୍ରସଙ୍ଗ ଉପରେ ତଦନ୍ତ ପାଇଁ ଅନୁରୋଧ କରିଥିଲେ। ଏହାପରେ ଉପଜିଲାପାଳଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ଜଣାପଡିଛି। ନାଏବ ସରପଞ୍ଚ ଅନନ୍ତ କର୍ଣ୍ଣଙ୍କ ସମେତ ବିରୁପାକ୍ଷ ମେଣ୍ଡିଲି, ଶଶାଙ୍କ ଶେଖର ଖେତି, ବିପିନ ନାଗ, ବିହାରୀ ଚିରଗୁଣୀ, କୈଳାଶ ହରିପାଲ, ଲିଙ୍ଗରାଜ ଭୋଇ, ମିତ ମେହେର, ସୁଭଦ୍ରା ମେହେର, ସୁରଥ ବିଶ୍ୱାଳ, ଜେମା ଦେଇ ରଣା, ସନ୍ତୋଷିନୀ ନାଗ ପ୍ରମୁଖ ୱାର୍ଡ ସଭ୍ୟାସଭ୍ୟ ଉପଜିଲାପାଳଙ୍କୁ ଦିଆଯାଇଥିବା ଲିଖିତ ପତ୍ରରେ ସ୍ୱାକ୍ଷର କରିଛନ୍ତି ।

# ବିଜେଡିର ସଂକଳ୍ପ କର୍ମୀ ସମାବେଶ

ଡୁଙ୍ଗୁରିପାଲି,୨୨।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଆରଏମସି ପରିସରରେ ବିଜେଡିର ସଂକଳ୍ପ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ସୋନପୁର ବିଧାୟକ ତଥା ଅବକାରୀ ଓ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରଦୀପ ଅମାତ ମଞ୍ଚାସୀନ ଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାମପୁର ଜୋନ, ଡୁଙ୍ଗୁରିପାଲି ଜୋନ ଓ ସୁଖା ଜୋନରେ ଜିଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟମାନେ ଯେପରି ବିପୁଳ ପରିମାଣରେ ନିର୍ବାଚିତ ହେବେ ତାହା ଉପରେ ଆଲୋଚନା ହୋଇଥିଲା। ପର୍ଯ୍ୟବେକ୍ଷକ ଅମାତ୍ ଦଳର ବିଜୟ ସମ୍ଭାବନାକୁ ନିଶ୍ଚିତ କରିବା ପାଇଁ କର୍ମୀମାନେ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ଯେପରି ସମସ୍ତ ଜିଲା ପରିଷଦ ଆସନ ହାତେଇବା ସହ ପଞ୍ଚାୟତ ସମିତି ଓ ପଞ୍ଚାୟତ ଗଠନ କରିବେ ତାହା ଉପରେ ଜୋର ଦେଇଥିଲେ। ଏଥିପାଇଁ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଉନ୍ନୟନମୂଳକ ଓ ଜନାଭିମୁଖୀ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ବିଜେଡି ଉପସଭାପତି ରମେଶ ପୂଜାରୀ, ଜିଲା ବିଜେଡି ମହିଳା ଉପସଭାପତି ପୂର୍ଣ୍ଣିମା ପାଣ୍ଡିଆ, ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ଜିଲା କାର୍ଯ୍ୟକାରୀ ସଭାପତି ବିଭୁଦତ୍ତ ରାଜହଂସ, ପୂର୍ବତନ ଜିଲା ପରିଷଦ ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବିଜୟାନନ୍ଦ ମିଶ୍ର, ରାମପୁର ଜୋନ ଜିଲା ପରିଷଦ ସଭ୍ୟ ମମତା ମଟାରୀ, ଜିଲା ସରପଞ୍ଚ ସଂଘ ସଭାପତି ପ୍ରକାଶ ସାହୁ, ବଦ୍ରିନାରାୟଣ ପାଣ୍ଡିଆ, ରଞ୍ଜନ ଠେଲା, ହରିବନ୍ଧୁ ପଧାନ ପ୍ରମୁଖ ବହୁ ଯୋଗ ଦେଇଥିଲେ । ସଭା ପରିଚାଳନା କରିଥିଲେ ମାନଭଞ୍ଜନ ମିଶ୍ର।



ବୈଠକରେ ଉପସ୍ଥିତ ଦଳୀୟ ନେତୃବର୍ଗ।

# କୋଶଲିଆ ମାଳି ସମାଜର ବୈଠକ


ଜିଲାସ୍ତରୀୟ କୋଶଲିଆ ମାଳି ସମାଜର ବୈଠକରେ ଉପସ୍ଥିତ ଜାତି ଭାଇ ଓ କର୍ମକର୍ତ୍ତା।

ଅମରପାଲି,୨୨।୮(ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ହରିହର ଆଶ୍ରମରେ ରବିବାର ସୁବର୍ଣ୍ଣପୁର ଜିଲା କୋଶଲିଆ ମାଳି ସମାଜର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ଜିଲା ସଭାପତି ଅନିରୁଦ୍ଧ କୁରକୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ନିରଞ୍ଜନ ପୁଟେଲ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ଉପସଭାପତି ହିମାଂଶୁ ଶେଖର ପୁଟେଲ, ସୁବଳ ପୁଟେଲ, ସଂଯୋଜକ ସୁଦାମ ପୁଟେଲ, ଜିଲା ଉପଦେଷ୍ଟା ଦିଗାମ୍ବର ଚୌଧୁରୀ, ବ୍ରଜମ୍ବକ ବେଲ, ଜିଲା ଯୁବମୋର୍ଚ୍ଚା ସଭାପତି ବିଦ୍ୟାଧର ଖୁର୍ଡିଆ, ସମ୍ପାଦକ ସତ୍ୟନାରାୟଣ, ମଣ୍ଡଳ ସମ୍ପାଦକ ଜୟକୃଷ୍ଣ ଖୁର୍ଡିଆ, ସଭାପତି ଗଣେଶ ବାଘ ଉପସ୍ଥିତ ଥିଲେ। ସମାଜର ଉତ୍ତରୋତ୍ତର ଉନ୍ନତି ଉପରେ ବକ୍ତାମାନେ ମତ ଉପସ୍ଥାପନ କରିଥିଲେ।

# ଦୁର୍ବାର ଆନ୍ଦୋଳନ ପାଇଁ ଆହ୍ୱାନ

ବରଗଡ଼ ଅଫିସ୍,୨୨।୮

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆନୁକୂଲ୍ୟରେ ବରଗଡ଼ ସମତା ଭବନରେ ଶନିବାର ଦିନିକିଆ କୃଷକ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ଜୟ କିସାନ ଆନ୍ଦୋଳନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଗତ ୯ ମାସ ଧରି କେନ୍ଦ୍ର ସରକାରଙ୍କ ୩ ନୂତନ କୃଷି ଆଇନ ବିରୋଧରେ ମୁଣ୍ଡ ଟେକିଥିବା ଐତିହାସିକ କୃଷକ ଆନ୍ଦୋଳନର ଦିଶା ଉପରେ ଆଲୋଚନା ହୋଇଥିଲା। ପଶ୍ଚିମ ଓଡ଼ିଶାରେ ଚାଲିଥିବା କୃଷକ ଆନ୍ଦୋଳନରେ କିଶନ ପଟ୍ଟନାୟକଙ୍କ ବିଚାରଧାରର ପ୍ରଭାବ, ପ୍ରାସଙ୍ଗିକତା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଚାଷୀନେତା ଲିଙ୍ଗରାଜ, ସରୋଜ ଏବଂ ଅରୁଣ ସାହୁ ଉପସ୍ଥିତ କୃଷକ ଆନ୍ଦୋଳନର କର୍ମୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। କେନ୍ଦ୍ରର ମୋଦି ସରକାରଙ୍କ ୩କୃଷି ଆଇନକୁ ପ୍ରତ୍ୟାହାର କରିବା ପାଇଁ ପଶ୍ଚିମ ଓଡ଼ିଶାରେ ବ୍ୟାପକ ଆନ୍ଦୋଳନ କରିବାକୁ ଆବାହକ ଲିଙ୍ଗରାଜ ଆହ୍ୱାନ କରିଥିଲେ । ଆଗାମୀ ଦିନରେ ବରଗଡ଼ ଜିଲାର ସବୁ ବ୍ଲକରେ ସମ୍ମିଳନୀ ଆୟୋଜନ କରି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜୟ କିସାନ ଆନ୍ଦୋଳନର ଶିବପ୍ରସାଦ ପ୍ରଧାନ, ଚଞ୍ଚଳ ପ୍ରଧାନ, ଉତ୍ପନ୍ନ କୁମାର ଭୋଇ, ସୁଶୀଲ ସାହୁ, ହର ବଣିଆ, ଅରୁଣ ପ୍ରଧାନ, ରମେଶ ମହାପାତ୍ର, କିଶୋର ସାହୁପ୍ରମୁଖ ଯୋଗଦାନ କରିଥିଲେ।



କୃଷକ ଚିନ୍ତନ ଶିବିରରେ ମଞ୍ଚାସୀନ ଚାଷୀନେତାବୃନ୍ଦ।

# ସପ୍ତଦୀପା ସାହିତ୍ୟ ସଂସଦର ସମାରୋହ

ଅମରପାଲି, ୨୨।୮(ଡି.ଏନ.ଏ)

ବୀରମହାରାଜପୁର ସପ୍ତଦୀପା ସାହିତ୍ୟ ସଂସଦର ୧୦୩ତମ ଭ୍ରାମ୍ୟମାଣ ସାହିତ୍ୟ ସମାରୋହ ଓ ଗଙ୍ଗାଧର ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସଂସଦ ସ୍ଥାୟୀ ସଭାପତି ଦ୍ୱିତିକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବରିଷ୍ଠ ନାଗରିକ ସଂଘ ସଭାପତି ଭଗବାନ ମିଶ୍ର ମୁଖ୍ୟ ଅତିଥି ଓ ଯୁଗଳ କିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱଭାବ କବିଙ୍କ କାଳଜୟୀ କବିତା ତପସ୍ୱିନୀ କାବ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଯୁବକବି ସନ୍ତୋଷ ଅଦାବରଙ୍କୁ ଗଙ୍ଗାଧର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରତିବର୍ଷ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଣଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି। ଶେଷରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଯୁଧିଷ୍ଠିର ଖମାରୀ ସଭା ସଂଯୋଜନା, ସ୍ୱାଗତ ଭାଷଣ ପ୍ରହ୍ଲାଦ ନାଏକ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଶ୍ୟାମ ଗୋପାଳ ହୋତା। ଭଗବାନ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।


ସାରସ୍ୱତ ସମାରୋହରେ ଉପସ୍ଥିତ ସାହିତ୍ୟିକମାନେ।

# ଦେଢ଼ମାସ ହେଲା ଜଳ ପ୍ରକଳ୍ପ ଅଚଳ

ଅମରପାଲି, ୨୨।୮(ଡି.ଏନ.ଏ.)

- ଘିଚାପାଲିରେ ପାନୀୟ ଜଳ ସଙ୍କଟ
- ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ପଞ୍ଚାୟତ ଅନ୍ତର୍ଗତ ଘିଚାପାଲିରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଛି। ବିଦ୍ୟୁତ୍ ସମସ୍ୟା ସହିତ ପ୍ରକଳ୍ପ ମୋଟର ଖରାପ ହୋଇଥିବାରୁ ଜଳ ଯୋଗାଣ ହୋଇ ପାରୁନାହିଁ। ଦେଢ଼ ମାସ ହେଲା ଅଚଳ ହୋଇଥିଲେ ହେଁ ଏହାର ମରାମତି କରାଯାଉନାହିଁ। ଫଳରେ ଗ୍ରାମବାସୀ ପାଇପ ପାଣି ନ ପାଇ ହଟହଟା ହେଉଛନ୍ତି। ଦୁଇଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମର ଲୋକସଂଖ୍ୟା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ। ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଗତ ଏପ୍ରିଲରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। କିଛିଦିନ ଚାଲିଲା ପରେ ପ୍ରକଳ୍ପ ଅଚଳ ହୋଇଗଲା। ଅନ୍ୟପକ୍ଷରେ ଗ୍ରାମରେ ଥିବା ୩ ନଳକୂଅ ମଧ୍ୟରୁ ୨ଟି ଅଚଳ ହୋଇଥିବା ବେଳେ ଅନ୍ୟଟିର ପାଣି ବ୍ୟବହାର ଉପଯୋଗୀ ନୁହେଁ। ଏହି ପରିସ୍ଥିତିରେ ଗ୍ରାମର ଜଣେ ବ୍ୟକ୍ତିଙ୍କ କୂଅ ଉପରେ ଲୋକେ ନିର୍ଭର କରୁଛନ୍ତି। ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ସରପଞ୍ଚ ସୁଜାତା ସାହୁଙ୍କୁ ପଚାରିବାରୁ ପ୍ରକଳ୍ପର ବିଦ୍ୟୁତ୍ କାମ କରାଯାଇଛି। ମୋଟରକୁ ମରାମତି କରାଯିବା ପରେ ଦିନେ ଦୁଇ ଦିନ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି। ଯଥାଶୀଘ୍ର ପ୍ରକଳ୍ପ ମରାମତି କରି ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।


ଘିଚାପାଲି ଗ୍ରାମରେ ଥିବା ପ୍ରକଳ୍ପର ପାଣିଟାଙ୍କି।